୬ ଆଜିଠୁ କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ପାରା ଆଥ୍‌ଲେଟିକ୍ସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୪୭ ● ୧୮ ମାର୍ଚ୍ଚ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-47 ● 18th March 2026, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ

# ହଙ୍ଗାମା ଲାଗି ରହିବାରୁ ହୋଇପାରିଲାନି ପ୍ରଶ୍ନୋତ୍ତର, ମୁଲତବୀ ଆଲୋଚନା

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

କଟକ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲରେ ଅଗ୍ନିକାଣ୍ଡ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟଣାକୁ ମଙ୍ଗଳବାର ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ଘେରିଥିଲେ । ବୈଠକ ଆରମ୍ଭରୁ ବିରୋଧୀ ଦଳ ଏହି ପ୍ରସଙ୍ଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହ ମଧ୍ୟରେ ନାରାବାଜି, ହଙ୍ଗାମା ଜାରି ରଖିବାରୁ ପ୍ରଥମାର୍ଦ୍ଧରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଓ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିନଥିଲା । ସେହିପରି ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ହଙ୍ଗାମା ଓ ନାରାବାଜି ଜାରି ରହିଥିଲା ।

ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ବାଚସ୍ପତି ସୁରମା ପାଢ଼ୀ ଗୃହ କାର୍ଯ୍ୟ ପ୍ରଶ୍ନୋତ୍ତରରୁ ଆରମ୍ଭ କରିଥିଲେ । ତେବେ କଟକ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲ ଟ୍ରମା କେୟାର ସେଣ୍ଟରରେ ଘଟିଥିବା ଅଗ୍ନିକାଣ୍ଡରେ ରୋଗୀଙ୍କ ମୃତ୍ୟୁକୁ ନେଇ ବିଧାନସଭା ଅଚଳ ହୋଇ ପଡ଼ିଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହାତରେ ପ୍ଲାକାର୍ଡ଼ ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜୋରଦାର ପ୍ରଦର୍ଶନ କରିବା ଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ଏବଂ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ବିରୋଧୀ ଦଳ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିବା ପାଇଁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ତାର କୌଣସି ସୁଫଳ ମିଳିନଥିଲା । ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନଥିଲା । ବିରୋଧୀ ଦଳଙ୍କ ନାରାବାଜି, ହଙ୍ଗାମା ଜାରି ରହିବାରୁ ବାଚସ୍ପତି ମାତ୍ର ୭ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୭ରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।



ମଧ୍ୟାହ୍ନ ୧୨ଟାରେ ପୁନର୍ବାର ଗୃହକାର୍ଯ୍ୟ ବାଚସ୍ପତି ଶ୍ରୀମତୀ ପାଢ଼ୀ ଆରମ୍ଭ କରିବା ସହିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ (ପୃଷ୍ଠା ୭ରେ)

### ୧୧ ଜିଲ୍ଲାରେ ୨୫ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ଏସ୍‌ଡବ୍ଲ୍ୟୁସିଏର ମଞ୍ଜୁରୀ

# ନିବେଶ ହେବ ୪୫୧୦ କୋଟି

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ୧୧ଟି ଜିଲ୍ଲାରେ ୪୫୧୦ କୋଟି ଟଙ୍କା ପୁଞ୍ଜିନିବେଶରେ ୨୫ଟି ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ମଞ୍ଜୁରୀ ମିଳିଛି । ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ୧୪୫ତମ ବୈଠକରେ ଏହିସବୁ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କୋରାପୁଟ ଜିଲ୍ଲାରେ ସେଞ୍ଚୁରୀ ପ୍ଲାଏବୋର୍ଡସ୍ ଏକ ପ୍ଲାଏଉଡ୍ କାରଖାନା ସ୍ଥାପନ କରିବାକୁ ଯାଉଛି । ସେଥିରେ କମ୍ପାନୀ ୮୭୦.୮୨ କୋଟି ଟଙ୍କା ନିବେଶ କରିବ । ସେହିପରି ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ବାଲେଶ୍ୱରରେ ଏକ ଟାଇଲ୍ ଯୋଡ଼େଇ ଅଠା ଉତ୍ପାଦନ ପ୍ରକଳ୍ପ ବସାଇବ । ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସଂସ୍ଥା ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲ୍ୟୁସି) ସର୍ଭିସେସ୍ ଖୋର୍ଦ୍ଧାରେ ୬୦ କୋଟି ଟଙ୍କା ନିବେଶରେ ଏକ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ କରିବାକୁ ଯାଉଛି ।



୧୧ଟି ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ୧୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ତାହାକୁ ଦୃଷ୍ଟିରେ ରଖି ଏଥର ବୈଠକରେ ବଲାଙ୍ଗୀର, କଳାହାଣ୍ଡି ଓ କୋରାପୁଟ ଭଳି ପଛୁଆ ଜିଲ୍ଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି । ଏହି ବୈଠକରେ ଖୋର୍ଦ୍ଧାରେ ସୋନାସିଲେକ୍ସନ ଇଣ୍ଡିଆ ଓ ଆଲଫାଟେକ୍ସ ସ୍ଥାପନ କରିବାକୁ ଥିବା ବୟନ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଫାର୍ମା ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ଆଲ୍ଟିଅସ୍ ଲାଇଫ୍ ପକ୍ଷରୁ କଟକରେ ୨୩୬.୯୦ କୋଟି ଟଙ୍କା ଓ ଶ୍ରୀଜୀ ଇମେଜିଂ ଆଣ୍ଡ୍ ଡାଏଗ୍ନୋଷ୍ଟିକ୍ ତରଫରୁ ଖୋର୍ଦ୍ଧାରେ ୫୩.୫୫ କୋଟି ଟଙ୍କା ନିବେଶ କରାଯିବ । ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍ ଜଗତସିଂହପୁରରେ ୪୨୫ କୋଟି ଟଙ୍କା ନିବେଶରେ ଏକ ସଲଫ୍ୟୁରିକ୍ ଏସିଡ୍ କାରଖାନା ବସାଇବ । ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୧୬୪ କୋଟି ଟଙ୍କା ନିବେଶ କରିବାକୁ ଯାଉଛି । ଆଲୁମିନିୟମ ଓ ଧାତବ କ୍ଷେତ୍ରରେ ଓଡ଼ିଶା ସ୍ପେସିଆଲ୍ ଗ୍ରେଡ୍ ଆଲୁମିନା ତରଫରୁ କୋରାପୁଟରେ ୮୮.୧୬ କୋଟି ଟଙ୍କା, ସୁନ୍ଦର ଷ୍ଟିଲ୍ ତରଫରୁ କଟକରେ ୭୫.୪୬ କୋଟି ଟଙ୍କା, ନବପ୍ରକୃତି ଗ୍ରୀନ୍ ଏନର୍ଜିସ୍ ତରଫରୁ ବାଲେଶ୍ୱରରେ ୧୦୫ କୋଟି ଟଙ୍କା ଓ ଲେନରକ୍ ଭେଞ୍ଚର୍ସ ପକ୍ଷରୁ ସୁନ୍ଦରଗଡ଼ରେ ୫୫.୪୦ କୋଟି ଟଙ୍କା ନିବେଶ କରାଯିବ । ସ୍କାନ୍ ଷ୍ଟିଲ୍ସ ସୁନ୍ଦରଗଡ଼ରେ ୨୫୫.୧୦ କୋଟି ଟଙ୍କା ଓ ସିଦ୍ଧିରିଦ୍ଧି ଇଣ୍ଟରନ୍ୟାସନାଲ୍ କେନ୍ଦୁଝରରେ ୬୧୦ କୋଟି ଟଙ୍କା ନିବେଶ କରିବେ ।

## କ୍ରସ ଭୋଟିଂ କରିଥିବା ବିଧାୟକ ଗୃହରେ ଅନୁପସ୍ଥିତ

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

ସୋମବାର ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡ଼ିର ୮ଜଣ ବିଧାୟକ ଏବଂ କଂଗ୍ରେସର ୩ଜଣ ବିଧାୟକଙ୍କ ମଧ୍ୟରୁ କେବଳ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବ୍ୟତୀତ ଅନ୍ୟ କେହି ଜଣେ ହେଲେ ବିଧାୟକ ମଙ୍ଗଳବାର ବିଧାନସଭାକୁ ଆସିନଥିଲେ । ସେମାନଙ୍କ ଆସନ ଖାଲି ପଡିଥିବା ଦେଖାଯାଇଥିଲା ।

## ଆଜିର ମୁଖ୍ୟ ଖବର

- ରାଜସ୍ଥାନର ମେଗା ହାଇୱେରେ ଘରୋଇ ବସ୍ ଏବଂ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା : ୫ ଯାତ୍ରୀ ମୃତ ।
- ମଣିପୁର: ପ୍ରିପାକ୍, କ୍ୱୋଇକେଏଲ ଏବଂ କେସିପିଏଲ ୫ ଜଣ ଆତଙ୍କବାଦୀ ଗିରଫ ।
- ଗ୍ୟାସ ସଙ୍କଟରେ ପରିବାରମାନଙ୍କ ଅସୁବିଧା ।
- ଇନ୍ଧନ ସମସ୍ୟା ନେଇ ବିରୋଧୀଙ୍କ ପ୍ରତିବାଦ ଯୋଜନା ।
- ରାଜ୍ୟସଭା ନିର୍ବାଚନରେ ରାଜନୈତିକ ପରିବର୍ତ୍ତନ ।
- ବିମାନ ସେବାରେ ଅତିରିକ୍ତ ଆନ୍ତର୍ଜାତୀୟ ଉଡାଣ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୮୦୮ (+୬୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୯୦ (+୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୮୫୬ (+୪୯)


## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୦ (+୪)

# ଲୋକସଭାରେ ୮ ବିରୋଧୀ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୭ ।୩

ଲୋକସଭା ମଙ୍ଗଳବାର ଦିନ ବିରୋଧୀ ଦଳର ୮ ଜଣ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର କରିଛି । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଗୃହରେ ଏହି ପ୍ରସ୍ତାବ ଆଗତ କରିଥିଲେ, ଯାହାକୁ ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ସ୍ୱର ଭୋଟ ମାଧ୍ୟମରେ ସମର୍ଥନ କରିଥିଲେ । ୩ ଫେବୃଆରୀ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାର ସୁଯୋଗ ନ ଦେବା ବିରୋଧରେ ବିରୋଧୀ ଦଳ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଏକତ୍ରିତ ହୋଇ ଏକ ବିଶାଳ ପ୍ରତିବାଦ କରିଥିଲେ । ସେହି ପରିପ୍ରେକ୍ଷୀରେ ଏବଂ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ହଙ୍ଗାମା କରିବା ଅଭିଯୋଗରେ ବଜେଟ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଆଠ ଜଣ ବିରୋଧୀ



ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ସୋମବାର ଦିନ ସର୍ବଦଳୀୟ ବୈଠକରେ ଏହି ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବା ଲକ୍ଷ୍ୟରେ ଏହି ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ପାଇଁ ସର୍ବସମ୍ମତି ହୋଇଥିଲା । ଏହି ସଦସ୍ୟମାନଙ୍କ ମଧ୍ୟରେ ଗୁରଜିତ ସିଂହ ଆଉଜଲା, ହିବି ଏଡେନ୍, ଆଡଭୋକେଟ୍ ଡିନ୍ କୁରିଆକୋସେ, ଅମରିନ୍ଦର ସିଂହ ରାଜା ୱାରିଂ, ବି. ମାନିକମ୍ ଟାଗୋର, ଡକ୍ଟର ପ୍ରଶାନ୍ତ ଯାଦବରାଓ ପାଡୋଲେ, ଚମାଲା କିରଣ କୁମାର ରେଡ୍ଡୀ ଏବଂ ଏସ. ଭେଙ୍କଟେସନ ଥିଲେ । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ମଙ୍ଗଳବାର ଗୃହରେ ପ୍ରସ୍ତାବ ଆଗତ କରିବା ସମୟରେ, କହିଥିଲେ ଯେ ଗୃହର ପ୍ରଭାବଶାଳୀ ଏବଂ ଉତ୍ପାଦନକ୍ଷମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସୀମା ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ । ଗୃହର ନିୟମ ଏହାର କାର୍ଯ୍ୟପ୍ରଣାଳୀ ଏବଂ ଆଚରଣର ପ୍ରତିଷ୍ଠିତ ପରମ୍ପରା ଗଠନ କରେ । 'ଗତକାଲି, ଆମେ କହିଥିଲୁ ଯେ ଯଦି ବିରୋଧୀ ଦଳ ଗୃହର ନିୟମ ପାଳନ କରିବାରେ ଏବଂ ଅଧ୍ୟକ୍ଷଙ୍କୁ ସମ୍ମାନ କରିବାରେ ଆମକୁ ସହାୟତା କରେ, ତେବେ ଆମେ ମଧ୍ୟ ପ୍ରତିଦାନ ଦେବୁ । ଯଦି ବିରୋଧୀ ଦଳ ଏପରି ସୀମା ସ୍ଥାପନ ପାଇଁ ରାଜି ହୁଏ ଏବଂ ସେମାନଙ୍କ ପ୍ରତି (ପୃଷ୍ଠା ୭ରେ)

# ପାକିସ୍ତାନ-ଆଫଗାନିସ୍ତାନ ଭୟଙ୍କର ଯୁଦ୍ଧ : ୪୦୦ ମୃତ



କାବୁଲ, ୧୭ ।୩

ପାକିସ୍ତାନ-ଆଫଗାନିସ୍ତାନରେ ଭୟଙ୍କର ଯୁଦ୍ଧ । କାବୁଲରେ ପାକ୍ କଲା ବଡ଼ ଏୟାରଷ୍ଟ୍ରାଇକ୍ । ଏଥିରେ ୪ଶହ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ ଆହତ ହୋଇଛନ୍ତି । ଏଇ କିଛି ଦିନର ଶାନ୍ତି ପରେ ପୁଣି ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି ।

ସୋମବାର ରାତିରେ କାବୁଲର ଏକ ହସ୍ପିଟାଲରେ ପାକିସ୍ତାନୀ ବିମାନ ଆକ୍ରମଣରେ ୪୦୦ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ପ୍ରାୟ ୨୫୦ ଜଣ ଆହତ ହୋଇଥିବା ସୂଚନା ମିଳିଛି । ହେଲେ ସବୁଠାରୁ ବଡ଼ କଥା ହେଉଛି, ପାକିସ୍ତାନ ଏହି ଆକ୍ରମଣ (ପୃଷ୍ଠା ୭ରେ)

## ନିରସ୍ତ୍ର ଆଫଗାନ ନାଗରିକଙ୍କ ଉପରେ ଆକ୍ରମଣ ଅମାନବୀୟ : ଭାରତ

ନୂଆଦିଲ୍ଲୀ, ୧୭ ।୩

କାବୁଲର ଏକ ହସ୍ପିଟାଲ ଉପରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଏୟାର୍ ଷ୍ଟ୍ରାଇକ୍‌ରେ ୪୦୦ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଭାରତ ସରକାର ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଭାରତ କହିଛି, ଏହା ନିରସ୍ତ୍ର ନାଗରିକଙ୍କ ବିରୋଧରେ କାପୁରୁଷତା ଏବଂ ଅମାନବୀୟ ହିଂସା, ଯାହାକୁ ସାମରିକ କାର୍ଯ୍ୟାନୁଷ୍ଠାନ ଭାବରେ କୌଣସି ପ୍ରକାରେ ଯଥାର୍ଥ କରାଯାଇ ପାରିବ ନାହିଁ । ଏନେଇ ନୂଆଦିଲ୍ଲୀ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଭାରତ (ପୃଷ୍ଠା ୭ରେ)

## ଗୁଜୁରାଟରେ ପହଞ୍ଚିଲା 'ନନ୍ଦାଦେବୀ' ଏଲ୍‌ପିଜି ବୋଝେଇ ଜାହାଜ

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବର୍ତ୍ତମାନ ତୈଳ ଓ ଗ୍ୟାସ ସଙ୍କଟ ଘନୀଭୂତ ହେବାରେ ଲାଗିଛି । ଏହି ସମୟରେ ଭାରତ ପାଇଁ ଏକ ଖୁସି ଖବର ଆସିଛି । ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିବା କାରଣରୁ ଇରାନ ଅକ୍ତିଆରରେ ଥିବା ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ବନ୍ଦ ରହିଥିଲା । । ଏହି କାରଣରୁ ଭାରତରେ ରନ୍ଧନ ଗ୍ୟାସର ଉତ୍କଟ ଅଭାବ ଦେଖାଦେଇଥିଲା । ଏହି ସଙ୍କଟ ସମୟରେ କ୍ୟାପଟେନ୍ ଧୀରଜ ନିଜର ଦକ୍ଷତା, ବୁଦ୍ଧିମତା ଓ ଧୈର୍ଯ୍ୟର ସହ ୪୬,୦୦୦ ମେଟ୍ରିକ୍ ଟନ୍ ଏଲପିଜି ଗ୍ୟାସ୍ କଣ୍ଟେନର ଭର୍ତ୍ତି ଜାହାଜ



'ନନ୍ଦାଦେବୀ'କୁ ସେହି ବିପଦପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଭାବରେ ଭାରତକୁ ଆଣିବାରେ ସଫଳ ହୋଇଛନ୍ତି ।

ବଲାଙ୍ଗୀରର ଓଡ଼ିଆ ପୁଅ ଭାବରେ ସମ୍ପ୍ରତି ଗଣମାଧ୍ୟମ ଓ ଦେଶବ୍ୟାପୀ ଚର୍ଚ୍ଚାରେ ଥିବା ବ୍ୟକ୍ତି ହେଉଛନ୍ତି (ପୃଷ୍ଠା ୭ରେ)

# ଇସ୍ପାତ ଓ ଖଣି ଏବଂ ପରିବହନ ବିଭାଗ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ବିଧାନସଭାରେ ଇସ୍ପାତ ଓ ଖଣି ଏବଂ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ଯଥାକ୍ରମେ ୩୬୫କୋଟି ୧୧ ଲକ୍ଷ ୪୪ ହଜାର ଟଙ୍କା ଏବଂ ୪୦୭୯ କୋଟି ୮୧ ଲକ୍ଷ ୩୦ ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ କରିଥିଲେ । ତେବେ ପ୍ରଥମାର୍ଦ୍ଧ ବୈଠକ ଭଳି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗରେ ଉପସ୍ଥିତ ରହି ସରକାର ବିରୋଧୀ ନାରାବାଜି ସହ ରାମନାମ ସତ୍ୟ ହେ ଧ୍ୱନି ଦେଇଥିଲେ । ବିରୋଧୀ ଦଳ ବିଧାୟକମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବେଳେ ବାଚସ୍ପତି ବାରମ୍ବାର ସେମାନଙ୍କୁ ଗୃହକାର୍ଯ୍ୟରେ



ସହଯୋଗ କରିବା ଏବଂ ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନଥିଲା । ବାଚସ୍ପତି ଅନନ୍ୟ ଉପାୟ ହୋଇ ଶାସକ ଦଳ ବିଧାୟକଙ୍କୁ ଆଲୋଚନାରେ ଭାଗ ନେବାକୁ ଡାକିଥିଲେ । ଏହି କ୍ରମରେ ଶାସକ ଦଳର ବିଧାୟକ ସନ୍ତୋଷ ଖଟୁଆ ଓ ଇରାଶିଷ ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇ ଖର୍ଚ୍ଚ ଦାବିକୁ ସମର୍ଥନ ଜଣାଇବା ସହ ବିରୋଧୀ ଦଳକୁ ସେମାନଙ୍କ ଗୃହକାର୍ଯ୍ୟରେ ବାଧା ସୃଷ୍ଟିକୁ କଟୁ ସମାଲୋଚନା କରିଥିଲେ ।

ଏହାପରେ ମନ୍ତ୍ରୀ ଶ୍ରୀ ଜେନା ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖିବାକୁ ଗଲାବେଳେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ ପ୍ରତିବାଦରେ କକ୍ଷ ତ୍ୟାଗ କରିଥିଲେ ।

ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ କହିଥିଲେ ଯେ, ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ଆଦିବାସୀ ମାନଙ୍କର ଜୀବନ ଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ସି.ଏମ୍ ଫ୍ଲାଗସିପ୍ ଯୋଜନା କାର୍ଯ୍ୟକାରୀ ହେଉଛି । ଲୌହ ପଥର ଓ କୋଇଲା ଗଚ୍ଛିତ ହିସାବ ଅନୁସାରେ ଓଡ଼ିଶା ସମଗ୍ର ଦେଶର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରାଜ୍ୟ ଭାବେ ରହିଥିବା ବେଳେ ଖଣି ରାଜସ୍ୱ ଆଦାୟ ଏବଂ ଉତ୍ପାଦନ ବର୍ତ୍ତମାନ ସରକାରଙ୍କ ସମୟରେ ଯଥେଷ୍ଟ ବୃଦ୍ଧି ପାଇଛି । (ପୃଷ୍ଠା ୭ରେ)

## କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ

ଭୁବନେଶ୍ୱର, ୧୭ ।୩
ନ୍ୟୁଜ୍ ବ୍ୟୁରୋ

କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ ହୋଇଛନ୍ତି । ନିଲମ୍ବିତ ୩ ବିଧାୟକ ହେଲେ ସାନଖେମୁଣ୍ଡିର ରମେଶ ଜେନା, ମୋହନାର ଦାଶରଥୀ ଗମାଙ୍ଗ ଓ କଟକ-ବାରବାଟୀର ସୋଫିଆ ଫିର୍ଦ୍ଦୋଷ । ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏନେଇ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ । ସେ ଆହୁରି କହିଛନ୍ତି, ସାନଖେମୁଣ୍ଡିର ରମେଶ ଜେନା, ମୋହନାର ଦାଶରଥୀ ଗମାଙ୍ଗ ଓ କଟକ-ବାରବାଟୀର ସୋଫିଆ ଫିର୍ଦ୍ଦୋଷଙ୍କ ସଭ୍ୟ ପଦ ରଦ୍ଦ କରାଯିବା ନେଇ ବି ପଦକ୍ଷେପ ନିଆଯିବ ବୋଲି ପିସିସି ସଭାପତି (ପୃଷ୍ଠା ୭ରେ)

## ଏକାଳ ପଖାଳ



ଯେବେ ଦେଖିବ ସେବେ ଅସୁବିଧା
ଇଏ ବଡ ମେଡିକାଲ
ରାଇଜର ଅନ୍ୟ ଡାକ୍ତରଖାନାରେ
କେମିତି ଥିବ ଯେ ହାଲ
ନିଆଁ କଲା କଲବଲ
ଜୀବନ ନେଇକି ଯନ୍ତ୍ରଣା ବଢାଏ
ହେଲେ ମୋଟା ନେତା ଛାଲ ।

# ତିନି ମାସରୁ ଅଧିକ ବୟସର ପିଲାଙ୍କୁ ପୋଷ୍ୟ ଗ୍ରହଣ କରୁଥିବା ମହିଳା ମଧ୍ୟ ମାତୃତ୍ୱ ଛୁଟି ପାଇବାକୁ ହକଦାର



ନୂଆଦିଲ୍ଲୀ, ୧୭ ।୩

ସୁପ୍ରିମକୋର୍ଟ ଶିଶୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।ଶୀର୍ଷକୋର୍ଟ କହିଛନ୍ତି, ସେଭଳି ମା'ମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ । ପ୍ରସବ କରୁଥିବା ମା'ମାନଙ୍କ ପରି ପାଳିତ ମା'ମାନଙ୍କର ମଧ୍ୟ ସମାନ ଅଧିକାର ଅଛି । ତିନି ମାସରୁ ଅଧିକ ବୟସର ପିଲାମାନଙ୍କୁ ଗ୍ରହଣ କରୁଥିବା ମହିଳାମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ । ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟି ନୀତି କାର୍ଯ୍ୟକାରୀ କରିବା ବିଷୟରେ ବିଚାର କରିବାକୁ ଅନୁରୋଧ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ପ୍ରସବକାଳୀନ ସୁରକ୍ଷା ଏକ ମୌଳିକ ମାନବିକ ଅଧିକାର ।


୩ ମାସରୁ ଅଧିକ ବୟସର ଶିଶୁକୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାଙ୍କୁ ପ୍ରସୂତି ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ । ପରିବାର ଗଠନର ଅଣ-ଜୈବିକ ଉପାୟଗୁଡ଼ିକ ସମାନ ଭାବରେ ଆଇନଗତ । ଜୈବିକ କାରଣଗୁଡ଼ିକ ନିଜେ ଏକ ପରିବାର ସୃଷ୍ଟି କରନ୍ତି ନାହିଁ । ଜଣେ ପାଳିତ ଶିଶୁ ଜଣେ ଜୈବିକ ଶିଶୁଠାରୁ ଭିନ୍ନ ନୁହେଁ । ପ୍ରଜନନ ସ୍ୱାୟତ୍ତତାର ଅଧିକାର କେବଳ ଜୈବିକ ପ୍ରଜନନ ପର୍ଯ୍ୟନ୍ତ ସୀମିତ ନୁହେଁ । ଆମେ ଜଣେ ପାଳିତ ମା ଏବଂ ଜଣେ ଜୈବିକ ମା ମଧ୍ୟରେ ପାର୍ଥକ୍ୟକୁ (ପୃଷ୍ଠା ୭ରେ)

# କାଳ ବୈଶାଖୀ ପ୍ରଭାବରେ ପ୍ରବଳ କୁଆପଥର ବର୍ଷା

ଫୁଲବାଣୀ, ୧୭ ।୩
ନ୍ୟୁଜ୍ ବ୍ୟୁରୋ

ଦାରିଙ୍ଗବାଡିରେ ପ୍ରବଳ କୁଆ ପଥର ବର୍ଷା । ରାସ୍ତା ସାରା ବିଛେଇ ହୋଇ ପଡ଼ିଲା କୁଆ ପଥର । ହଠାତ ମେଘ ଢାଙ୍କି ହୋଇଯିବା ସହ ମୂଷଳ ଧାରାରେ ବର୍ଷା ପବନ ସହ କୁଆ ପଥର ପଡିଥିଲା । କିଛି ସମୟ ମଧ୍ୟରେ କୁଆପଥର ପଡିବା ଫଳରେ ରାସ୍ତା ଘାଟ ସତେ ଯେମିତି ଧଳା ଚାଦର ପଡିଥିବା ଭଳି ଦେଖାଯାଇଥିଲା ।

କାଳ ବୈଶାଖୀ ପ୍ରଭାବରେ ଏହା ଚଳିତ ବର୍ଷର ପ୍ରଥମ କୁଆ ପଥର ବର୍ଷା ବୋଲି କୁହାଯାଇଛି । ହଠାତ ପ୍ରବଳ ବର୍ଷା ଯୋଗୁ



ଅନେକ ଲୋକଙ୍କ ଘରର ଆଜବେଷ୍ଟସ୍ ଭାଙ୍ଗି ଯାଇଥିବା ଜଣାପଡିଛି । ସାମାନ୍ୟ ଗରମରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ଏହି ବର୍ଷା ଗରିବ ଲୋକଙ୍କୁ ଅଧିକ କଷ୍ଟ ଦେଇଛି ।




# ବିଏମ୍‌ସି କମିଶନରଙ୍କ ବଦଳି:ପ୍ରକଳ୍ପ କାମ ଦିଗହରା ହେବା ଆଶଙ୍କା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନାଗିରି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଏଭଳି ନିଷ୍ପତିକୁ ସହରତଳି ଅଞ୍ଚଳ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଅସମୟରେ ଯେଉଁ ବଦଳି ହୋଇଛି ତାହା ବ୍ରହ୍ମପୁରର ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଗ୍ରହଣୀୟ ନୁହେଁ ବୋଲି ସହରତଳି ଅଞ୍ଚଳ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି । ଏନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହି ବଦଳି ଆଦେଶକୁ ତୁରନ୍ତ ବାତିଲ୍ କରିବା ପାଇଁ ନିବେଦନ କରାଯାଇଛି । କମିଟି ପକ୍ଷରୁ କୁହାଯାଇଛି ଯେ ଶ୍ରୀ ରାଜସିର୍କେଙ୍କ ପୂର୍ବରୁ ଯେଉଁ କମିଶନର ଥିଲେ ତାଙ୍କ ସମୟରେ ମହାନଗର ନିଗମ ବହୁ ବାଦ ବିବାଦରେ ଛନ୍ଦି ହେବା ସହ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଥିଲା ଏବଂ ବ୍ରହ୍ମପୁର ସହର ବିକାଶ କ୍ଷେତ୍ରରେ ବହୁ ପଛକୁ ଠେଲି ହୋଇଯାଇଥିଲା । ପରିଶେଷରେ ତାଙ୍କୁ ଏଠାରୁ ଅପସାରଣ କରାଯାଇଥିଲା । ବହୁ ବିଚାର ବିମର୍ଶ ପରେ ରାଜ୍ୟ ସରକାର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ଏଠାରେ କମିଶନର ରୂପେ ନିଯୁକ୍ତି ଦେଇଥିଲେ ଯାହାକୁ ଜନସାଧାରଣ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ସେହିଭଳି ରାଜସିର୍କେ ଏଠାରେ ମହାନଗର ନିଗମର ଆୟୁକ୍ତ ରୂପେ ଯୋଗ ଦେବା ପରେ ମହାନଗର ନିଗମର କାର୍ଯ୍ୟଶୈଳୀରେ ପରିବର୍ତନ ଆଣି ନିଗମ ପ୍ରଶାସନକୁ ଲୋକଙ୍କ ନିକଟରେ କରିଥିଲେ । ତାଙ୍କର ସ୍ୱଳ୍ପକାଳର ରହଣୀ ମଧ୍ୟରେ ପ୍ରଶାସନିକ ସଂସ୍କାର ମାଧ୍ୟମରେ ସେ ଅନେକ ଗୁଡ଼ିଏ ସଂସ୍କାରଧର୍ମୀ ପଦକ୍ଷେପ ଗ୍ରହଣ କରି ମହାନଗର ନିଗମକୁ କ୍ରୀୟାଶୀଳ କରି ଏକ ଉତ୍ତରଦାୟୀ ନାଗରିକ ପ୍ରଶାସନ ପାଇଁ ଚେଷ୍ଟା କରିଥିଲେ । ନିଜର ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟଦକ୍ଷତା ଓ ଦୂରଦୃଷ୍ଟିକୁ ଉପଯୋଗ କରି ସହରର ଅଭିବୃଦ୍ଧି, କାୟା ବିସ୍ତାର, ବିକାଶ ଓ ଉନ୍ନୟନ ନିମନ୍ତେ ଅନେକ ଗୁଡ଼ିଏ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦି ଆବଶ୍ୟକତାକୁ ଉପଲବ୍ଧ କରି ଅନେକ ଗୁଡ଼ିଏ ଅଭିନବ ଏବଂ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ । ବିଶେଷ କରି ସହରତଳି ଅଞ୍ଚଳ ଓ ୧୪ଟି ପାଶ୍ୱବର୍ତ୍ତୀ ପଞ୍ଚାୟତ ବିଏମ୍‌ସିରେ ମିଶ୍ରଣ ନେଇ ତାଙ୍କର ଭୂମିକା ଅତୁଳନୀୟ ଓ ଅଦ୍ୱିତୀୟ । ସହରତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ୍ କରି ଏହାକୁ ଏକ ପୂର୍ଣ୍ଣାଙ୍ଗ ମହାନଗର ନିଗମରେ ପରିଣତ କରିବା ନିମନ୍ତେ ସେ ଯେଉଁ ଆନ୍ତରିକତା ଓ ତତ୍ପରତା ଦେଖାଇଥିଲେ ତାହା ଅତୀବ ପ୍ରଶଂସନୀୟ ଥିଲା ଏବଂ ତାଙ୍କର ଅବଦାନ ସବୁବେଳେ ଅନ୍ୟମାନଙ୍କ ନିମନ୍ତେ ପ୍ରେରଣା ପ୍ରଦ ଓ ଅଭୁଲା ହୋଇ ରହିବ । ମହାନଗର ନିଗମ କାର୍ଯ୍ୟଶୈଳୀ, ଯୋଜନା, ପ୍ରଶାସନିକ ଜଟିଳତା ତଥା ଆଇନ୍ କାନୁନ୍ ବୁଝି ଏହାକୁ ବ୍ୟବସ୍ଥିତ ଢ଼ଙ୍ଗରେ ପକାଇ ବ୍ରହ୍ମପୁରର ଅଭିବୃଦ୍ଧି ଏବଂ ବିକାଶକୁ ଏକ ନିର୍ଦ୍ଦିଷ୍ଟ ଦିଗ ଦେଇ ତ୍ୱରାନ୍ୱିତ କରିବାକୁ ଯାଉଥିଲାବେଳେ ତାଙ୍କୁ ଏଠାରୁ ଏଭଳି ଘଡ଼ିସନ୍ଧି ମୂହୁର୍ତ୍ତରେ ବଦଳି କରିବା ବ୍ରହ୍ମପୁରର ବିକାଶକୁ ବାଟବଣା କରିଦେବ ବୋଲି କମିଟି ମନେ କରେ । ଯଦିଓ ସରକାରୀ କର୍ମଚାରୀଙ୍କ ବଦଳି ଏକ ନିୟମିତ ସ୍ୱାଭାବିକ କାର୍ଯ୍ୟ ଓ ପ୍ରଶାସନିକ ତଥା ବ୍ୟବସ୍ଥାଗତ ପରିଧିର ଆବଶ୍ୟକତା ଥାଇପାରେ ତଥାପି କମିଟି ମନେ କରେ ଯେ ମହାନଗର ନିଗମ କମିଶନର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅନ୍ତତଃ ଜଣେ ଅଧିକାରୀଙ୍କୁ ଦୁଇରୁ ୩ ବର୍ଷ ବିନା ବାଧାରେ କାର୍ଯ୍ୟ କରିବାରେ ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି । ନଚେତ୍ କୌଣସି ବିକାଶ ମୂଳକ ଯୋଜନା ଲକ୍ଷ୍ୟ ହାସଲ କରିପାରିବେନାହିଁ କିମ୍ବା ସଫଳ ରୂପାୟନ ହୋଇପାରିବନାହିଁ । ବୃହତର ବ୍ରହ୍ମପୁର ମହାନଗର ନିଗମରେ ଆଗକୁ ଅନେକ ଗୁଡ଼ିଏ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବାରୁ ତାଙ୍କର ବଦଳିକୁ ବାତିଲ୍ କରି ତାଙ୍କୁ ଏଠାରେ ଆଉ ଦୁଇ ବର୍ଷ କାର୍ଯ୍ୟ କରିବାର ସୁଯୋଗ ଦେଇ ବ୍ରହ୍ମପୁରକୁ ଏକ ଆଗଧାଡ଼ିର ବିକଶିତ ସହରରେ ପରିଣତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସହରତଳି ଅଞ୍ଚଳ ମିଳିତ କ୍ରୀୟାନୁଷ୍ଠାନ କମିଟି ସଭାପତି ସଞ୍ଜିବ କୁମାର ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

# ବସନ୍ତରେ ଖିଲିଖିଲି ହସୁଛି ବାସହୀନ ସୁନ୍ଦରୀ ପଳାଶ ଫୁଲ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବସନ୍ତ ଋତୁର ଆଗମନ ସହିତ ପ୍ରକୃତି ନୂଆ ସଜାଇ ହେଉଛି ପ୍ରକୃତି ରାଣୀ । ଜଙ୍ଗଲ ଓ ପାହାଡ଼ ଏବଂ ରାସ୍ତା, ଗହୀର ବିଲ ହୁଡା ଅଞ୍ଚଳରେ ଏବେ ନାଲି ରଙ୍ଗର ପଳାଶ ଫୁଲ ପ୍ରକୃତିକୁ ଅପୂର୍ବ ସୌନ୍ଦର୍ଯ୍ୟ ଦେଇଛି । ବାସନଥିବା ସତ୍ୱେ ମଧ୍ୟ ଏହି ପଳାଶ ଫୁଲ ତାହାର ରଙ୍ଗ ଓ ରୂପରେ ସମସ୍ତଙ୍କ ମନକୁ ଆକର୍ଷିତ କରୁଛି । ବସନ୍ତ ଆସିଲେ ପଳାଶ ଗଛର ଡାଳ ଭରି ନାଲି ଫୁଲ ଖିଲି ଖିଲି ହସିବା ସହିତ ଦୂରରୁ ଦେଖିଲେ ଲାଗେ ଯେ ପ୍ରକୃତି ଧରଣୀ ରାଣୀକୁ ନାଲି ପାଟରେ ସଜାଇ ଦେଇଛି । କବି ଓ ଭାବୁକ ପାଇଁ ପଳାଶ ଆଣିଛି ନୂଆ ଆଶାରେ ଆଲୋକ । ପଳାଶ ଫୁଲରେ ଜଙ୍ଗଲ ଅଞ୍ଚଳର ଦୃଶ୍ୟ ବହୁତ ଆକର୍ଷଣୀୟ ହୋଇଯାଏ । ପଳାଶ ଗଛର ଡାଳରେ କୋଇଲି ବସି କୁହୁକୁହୁ ସ୍ୱରରେ ଗୀତ ଗାଉଥାଏ । ବସନ୍ତର ହାଲୁକା ପବନ ବହିଲେ ପେନ୍ଥା ପେନ୍ଥା ପଳାଶ ଫୁଲ ଦୋହଲି ଉଠି ପ୍ରକୃତିର ଅପୂର୍ବ ରୂପକୁ ଆହୁରି ଦ୍ୱିଗୁଣିତ ସହିତ ଆକର୍ଷଣୀୟ କରିଦିଏ । ଏହି ଦୃଶ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ବହୁତ ଆନନ୍ଦ ଦେଇଥାଏ । ପଳାଶ ଫୁଲର ଧାର୍ମିକ ମହତ୍ତ୍ୱ ମଧ୍ୟ ରହିଥିବାବେଳେ ବିଶେଷକରି ଦୋଳଯାତ୍ରା, ମଙ୍ଗଳା ପୀଠ ଓ ବିଭିନ୍ନ ଦେବୀଦେବତାଙ୍କ ପୂଜାରେ ପଳାଶ ଫୁଲ ବ୍ୟବହାର କରାଯାଏ । ପୁରାତନ କାଳରୁ ଦୋଳ ପୂର୍ଣ୍ଣିମା ଅବସରରେ ପଳାଶ ଫୁଲ ଦ୍ୱାରା ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରି ଦୋଳ ଉତ୍ସବରେ ବ୍ୟବହାର କରାଯାଉଥିବା ପରମ୍ପରା ରହିଆସିଛି । ଏହି କାରଣରୁ ପଳାଶ ଫୁଲକୁ ବସନ୍ତ ଋତୁର ପ୍ରତୀକ ଭାବେ ମଧ୍ୟ ଦେଖାଯାଏ । ସୌନ୍ଦର୍ଯ୍ୟ ସହିତ ପଳାଶ ଗଛର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି । ଆୟୁର୍ବେଦ ଅନୁଯାୟୀ ପଳାଶ ଗଛର ଫୁଲ, ଚେର ଓ ଛାଲି ବିଭିନ୍ନ ରୋଗର ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୁଏ । ଗ୍ରାମାଞ୍ଚଳର ଲୋକମାନେ ପୁରୁଣା ସମୟରୁ ଏହାକୁ ପାରମ୍ପରିକ ଔଷଧ ଭାବେ ବ୍ୟବହାର କରୁଥିବା ଦେଖାଯାଏ । ବର୍ତ୍ତମାନ ବସନ୍ତ ଋତୁରେ ବୌଦ୍ଧ ବ୍ଲକର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ, ବିଲ ହୁଡା, ଜାତୀୟ ରାଜପଥ ଓ ଗ୍ରାମ୍ୟ ସଡକ କଡ଼ରେ ପଳାଶ ଫୁଲ ପ୍ରକୃତିକୁ ଏକ ନୂଆ ରୂପ ଦେଇଛି । ସେପଟେ କଣ୍ଟାମାଳ ବ୍ଲକର କିଛି ଅଞ୍ଚଳରେ ବିରଳ ହଳଦିଆ ପଳାଶ ଫୁଲ ଦେଖିବାକୁ ମିଳେ । ବାସହୀନ ହେଲେ ମଧ୍ୟ ତାହାର ରୂପ, ଧାର୍ମିକ ମାହାତ୍ମ୍ୟ ଓ ଔଷଧୀୟ ଗୁଣ ପାଇଁ ପଳାଶ ଫୁଲ ପ୍ରକୃତିର ଏକ ଅମୂଲ୍ୟ ଦାନ ବୋଲି କୁହାଯାଏ । ବସନ୍ତ ଋତୁରେ ଏହି ନାଲି ପଳାଶ ଫୁଲ ପ୍ରକୃତିକୁ ଆହୁରି ସଜାଇ ଦେଇଛି ।




# ପୋଲିସ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇଙ୍କ ପରାମର୍ଶ କ୍ରମେ ଗଞ୍ଜାମ ଓ ରମ୍ଭା ଥାନା ପକ୍ଷରୁ ବଟେଶ୍ୱର ଓ ଗୋଖରକୁଦା ନିକଟସ୍ଥ ବେଳାଭୂମି ସଫେଇ କରାଯାଇଛି । ପ୍ରସିଦ୍ଧ ବଟେଶ୍ୱର ପ୍ରାଙ୍ଗଣ ସହ ବେଳାଭୂମି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଥିଲା । ରମ୍ଭା ଥାନା ଅଧିକାରୀ କୁମର ମୁଦୁଲିଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବଟେଶ୍ୱର ଐତିହ୍ୟ ସରଂକ୍ଷଣ ପରିଚାଳନା କମିଟିର ଛଅ ଖଣ୍ଡ ଗ୍ରାମର ଯୁବ ଗୋଷ୍ଠୀ ସାମିଲ୍ ହୋଇଥିଲେ । ରମ୍ଭା ଥାନା ଏଏସ୍‌ଆଇ ପ୍ରଶାନ୍ତ ପ୍ରଧାନ, ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ବେଣିଆ, ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇଙ୍କ ସମେତ ସମସ୍ତ ସଦସ୍ୟ ଓ ଓଡ଼ିଶା ଅନୁଷ୍ଠାନ ବିପଦର ବନ୍ଧୁ ପ୍ରକାଶ ଚନ୍ଦ୍ର ନାୟକ, ଶୁଭମ ନାୟକ, ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗୋଖରକୁଦା ବେଳାଭୂମି ସଫେଇରେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଏଏସ୍‌ଆଇ ସୁଦୀପ୍ତ କୁମାର ସାହୁ, ସୁପ୍ରଭା ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଚଳିତ ବର୍ଷ ହେବାକୁ ଥିବା ଅଲିଭ ରିଡଲେଙ୍କ ସୁରକ୍ଷିତ ସାମୂହିକ ଅଣ୍ଡାଦାନକୁ ଦୃଷ୍ଟିରେ ରଖି ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିବା କୁହାଯାଇଛି ।

# ଉତ୍ସାହ ଓ ଉଲ୍ଲାସର ସହ ଅନୁଷ୍ଠିତ ହେଲା ଇନ୍‌ଟାକ୍‌ର ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକ୍‌ର ସୋନପୁର ଚ୍ୟାପ୍ଟର ତରଫରୁ ଅଷ୍ଟଶମ୍ଭୁ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଞ୍ଚରଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଇନ୍‌ଟାକ୍ ତରଫରୁ 'ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ' ନାମକ ଏକ ସୂଚନା ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ପୁସ୍ତିକାଟି ଐତିହାସିକ ସୁଦାମ ନାଏକ ରଚନା କରିଥିବା ବେଳେ ଇଂରାଜୀରେ ଅନୁବାଦ କରିଛନ୍ତି ପ୍ରଦ୍ୟୁମ୍ନ କୁମାର ସାହୁ । ଏହି ଐତିହ୍ୟ ପଦଯାତ୍ରାର ଅଂଶଗ୍ରହଣକାରୀମାନେ ଖୁବ୍ ଉଲ୍ଲାସ ଏବଂ ଉତ୍ସାହର ସହ ଭଜନ କିର୍ତ୍ତନ କରି ସୁବର୍ଣ୍ଣପୁର ସହରରେ ଥିବା ଅଷ୍ଟଶମ୍ଭୁ ମନ୍ଦିର ପରିଦର୍ଶନ କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଲୋକନାଥ ମନ୍ଦିର, ରାଜାଘାଟରେ ଥିବା ବାଲୁଙ୍କେଶ୍ୱର ମନ୍ଦିର, ଗୋପାଳଜୀ ମନ୍ଦିର ପରିସରରେ ଥିବା ସିଦ୍ଧେଶ୍ୱର ମନ୍ଦିର, ସୋନପୁର ମହାବିଦ୍ୟାଳୟ ନିକଟରେ ଥିବା ଗୋକର୍ଣ୍ଣେଶ୍ୱର ମନ୍ଦିର, କଚେରୀ ଛକରେ ଥିବା ପଶ୍ଚିମ ସୋମନାଥ ମନ୍ଦିର, ସଙ୍ଗମସ୍ଥଳରେ ଥିବା ରାମେଶ୍ୱର ମନ୍ଦିର ଏବଂ ସୁବର୍ଣ୍ଣପୁରର ଅଧିଶ୍ୱର ତେଲନଦୀ କୂଳରେ ଥିବା ସୁବର୍ଣ୍ଣମେରୁ ମନ୍ଦିରକୁ ଅଂଶଗ୍ରହଣକାରୀମାନେ ପରିଦର୍ଶନ କରିଥିଲେ । ତେବେ ଅଷ୍ଟଶମ୍ଭୁ ମଧ୍ୟରୁ ଅନ୍ୟତମ ପ୍ରମୁଖ ରୁଦ୍ରନାଥ ମନ୍ଦିରଟି ସିନେମା ହଲ୍ ମଧ୍ୟରେ ଜୀର୍ଣ୍ଣ ଅବସ୍ଥାରେ ଏକ ପ୍ରକାର ବନ୍ଦୀ ଭାବରେ ଥିବାରୁ ପଦଯାତ୍ରୀମାନେ ପରିଦର୍ଶନରୁ ବଞ୍ଚିତ ହୋଇ କ୍ଷୋଭ ପ୍ରକାଶ କରିଥିଲେ ଏବଂ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ମାର୍ଗଦର୍ଶନରେ ସମସ୍ତ ପଦଯାତ୍ରୀ ଏହି ଐତିହ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିବା ବେଳେ ବିଶିଷ୍ଟ ଐତିହାସିକ ସୁଦାମ ନାଏକ ଏହି ଅଷ୍ଟଶମ୍ଭୁ ମନ୍ଦିର ଗୁଡ଼ିକର ଐତିହାସିକ ଓ ସାଂସ୍କୃତିକ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଶ୍ରୀ ଗଦାଧର ବାରିକ, ବିଭୂତି ଭୂଷଣ ଓତା, ବଳଦେବ ପ୍ରଧାନ, ଡ. ସୌରଭ ରଞ୍ଜନ ଖମାରୀ, ଗତିକୃଷ୍ଣ ବଣିଆଁ, ଲକ୍ଷ୍ମୀନାରାୟଣ ସାହୁ, ସରିତା ପୋଥାଲ, ରୀମା ଖଟୁଆ, ଅନୁପମା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଇନ୍‌ଟାକ୍ ସୋନପୁର ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଐତିହ୍ୟ ପଦଯାତ୍ରାର ସମାପନ ପର୍ବରେ ସହ-ଆବାହକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଇନ୍‌ଟାକ୍‌ର ଆଜୀବନ ସଦସ୍ୟ ଦେବକୀ ନନ୍ଦନ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ ।



# ସିଏମ୍‌ସିରେ ମହିଳା ସମ୍ମିଳନୀ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମ ୱାର୍ଡ ନମ୍ବର ୨୭ ସ୍ଥିତ ଜଗନ୍ନାଥ ଲଜ୍ ଠାରେ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସଙ୍କ ସଭାପତିତ୍ୱରେ ଏକ ୱାର୍ଡ ସ୍ତରୀୟ ମହିଳା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନରେ ୱାର୍ଡର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କିପରି ସ୍ୱାବଲମ୍ବୀ, ଆତ୍ମନିର୍ଭରତା ଏବଂ ଆର୍ଥିକ ରୂପେ ସଶକ୍ତ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ କର୍ପୋରେଟର ଇତିଶ୍ରୀ ଦାସଙ୍କ ସହିତ ମୁଖ୍ୟ ଅତିଥି ଭାବରେ କଟକ ମେୟର ସୁବାସ ସିଂହ, ସମ୍ମାନୀୟ ଅତିଥି ଭାବରେ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ଅରୁନ୍ଧତୀ କର, ଅନ୍ୟ ଅତିଥିମାନଙ୍କ ମଧ୍ୟ ଆଇନଜୀବୀ ସ୍ୱଦେଶ ଦାସ, ମିନା ବିଶ୍ୱାଳ, ସରିତା ନାୟକ, ରଂଜିତା ଦାସ, ନାମିତ ଦାସ, ମୌସମୀ ନନ୍ଦୀ, ସୁପ୍ରତି ପଟ୍ଟନାୟକ, ଭାରତୀ ଦାସ, ସୁଚିତ୍ରା, ଶତାଧିକ ସ୍ୱୟଂ ସହଯୋଗ ଗୋଷ୍ଠୀର ସମସ୍ତ ମହିଳା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିରୋ ଟଲରେନ୍ସ ଚେକିଂ କଡ଼ାକଡ଼ି:୧୭ ଚାଲାଣ,୯୩ ହଜାର ଜରିମାନା ଆଦାୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର କଲେଜ ନିକଟରେ ଧାମନଗର ପୋଲିସ ଓ ଭଦ୍ରକ ଆରଟିଓ ମିଳିତ ଭାବେ ଜିରୋ ଟଲରେନ୍ସ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଅଭିଯାନ ସମୟରେ ମୋଟର ସାଇକେଲ, ଟ୍ରକ୍, ଟ୍ରାକ୍ଟର, କାର୍ ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକରେ ହେଲ୍‌ମେଟ୍, ଫିଟ୍‌ନେସ୍, ଇନ୍‌ସୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ୍ ୧୭ଟି ଚାଲାଣ କଟାଯାଇ ୯୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ବିଶେଷ କରି ଦୁଇଚକିଆ ଚାଳକମାନଙ୍କ ମଧ୍ୟରେ ହେଲ୍‌ମେଟ୍ ନପିନ୍ଧିବା, ଯାନର ଫିଟ୍‌ନେସ୍ ଓ ଇନ୍‌ସୁରାନ୍ସ ନଥିବା ଘଟଣା ଅଧିକ ଦେଖିବାକୁ ମିଳିଥିଲା । ଏହି ଚେକିଂରେ ଜୁନିୟର ଏମ୍‌ଭିଆଇ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ଓ ଧାମନଗର ଥାନାର ଏଏସ୍‌ଆଇ ସୁଜିତ୍ ରାଉତ ଉପସ୍ଥିତ ଥିଲେ । ଅନ୍ୟପଟେ ଚେକିଂ ସମୟରେ କିଛି ଚାଳକ ଧାମନଗର ଅଞ୍ଚଳର ରାସ୍ତା ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନଙ୍କ କହିବା ଅନୁସାରେ ଅନେକ ସ୍ଥାନରେ ରାସ୍ତା ଭଙ୍ଗା ଓ ଗାଡ ହୋଇଥିବାରୁ ଦୁର୍ଘଟଣାର ଭୟ ରହୁଛି, ତଥାପି କଡ଼ା ଚେକିଂ କରାଯାଉଛି । ପ୍ରଥମେ ରାସ୍ତା ମରାମତି ପରେ କଡ଼ା କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ । ଉଭୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ସଡ଼କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଏଭଳି ଜିରୋ ଟଲରେନ୍ସ ଚେକିଂ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

# ବନ୍ଦ ଦୋକାନ ଭିତରେ ଜଳିଗଲେ ବାପପୁଅ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଧୀନ ସାନପଦର ଠାରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଅଘଟଣ । ଦୋକାନରେ ଶୋଇଥିବା ବେଳେ ନିଆଁରେ ଜଳି ପ୍ରାଣ ହରାଇଛନ୍ତି ବାପ ପୁଅ । ମୃତକ ହେଲେ ରାଜେଶ କୁମାର ସାହୁ (୫୭) ଓ ତାଙ୍କ ଦିବ୍ୟାଙ୍ଗ ପୁଅ ଲକ୍ଷ୍ମୀଧର ସାହୁ (୨୭) । ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବେଗୁନିଆ ଥାନା ଅଧୀନ ସାନପଦରରେ । ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗାଁ ମୁଣ୍ଡରେ ଏକ ତେଜରାତି ଓ ଚା' ଦୋକାନ କରି ପରିବାର ଚଳାଉଥିଲେ ରାଜେଶ ଓ ତାଙ୍କ ଦିବ୍ୟାଙ୍ଗ ପୁଅ ଲକ୍ଷ୍ମୀଧର । ପ୍ରତ୍ୟେକ ଦିନ ଭଳି ଭୋର୍ ସମୟରୁ ଦୋକାନ ଖୋଲାଯାଇ ନଥିବା କାରଣରୁ ପରିବାର ସଦସ୍ୟଙ୍କ ସନ୍ଦେହ ହୋଇଥିଲା । ପରେ ଭିତରୁ କବାଟ ବନ୍ଦ ଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ । କୌଣସି ଅଘଟଣ ସନ୍ଦେହରେ ଦୋକାନ ଘର ଆଜ୍‌ବେଷ୍ଟସ୍ ଖୋଲିବାରେ ରାଜେଶ କୁମାର ସାହୁ, ପୁଅ ଲକ୍ଷ୍ମୀଧର ସାହୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦୋକାନ ଘର ଭିତରେ ପଡ଼ିଥିବା ଦେଖିଥିଲେ । ଏହା ବିଦ୍ୟୁତ୍ ସର୍ଟସର୍କିଟ୍ କାରଣରୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ତେବେ ଏପରି ଦୁଃଖଦ ଘଟଣା ବିଳମ୍ବିତ ରାତିରେ ଘଟିଥିବା ନେଇ ଅନୁମାନ କରାଯାଉଛି । ବାପପୁଅଙ୍କ ଏଭଳି ଦୁଃଖଦ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଭାରପ୍ରାପ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷା ପ୍ରଜ୍ଞା ପରମିତା ରାଉଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଦାଲତରେ ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୪୪୪୭ଟି ମକଦ୍ଦମା ପଞ୍ଜିକରଣ ହୋଇଥିବା ବେଳେ ୨୬୭୨ଟି ମାମଲାର ସମାଧାନ ହୋଇଥିଲା । ଏଥିରେ ମୋଟ୍ ୮୦ ଲକ୍ଷ ୫୫ ହଜାର ୩୮୧ ଟଙ୍କା ଅର୍ଥ ଆଦାୟ କରାଯାଇଛି । ସେହିପରି ପ୍ରାକ୍ ମକଦ୍ଦମା ସ୍ତରୀୟ ଦାୟର ହୋଇଥିବା ମାମଲା ୪୪୦୨ଟି ପଞ୍ଜିକୃତ ହେଇଥିବା ବେଳେ ମୋଟ୍ ୩୨୮ଟି ମାମଲା ଫଏସଲା ହୋଇ ବ୍ୟାଙ୍କ ଋଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ ଆଦି ମାମଲା ଗୁଡିକ ଫଏସଲା କରାଯାଇ ୧ କୋଟି ୪୩ ଲକ୍ଷ ୯୨ ହଜାର ୯୯୦ ଟଙ୍କା ଆଦାୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ବିଚାରପତିମାନେ ସହଯୋଗ କରିଥିଲେ ।

# ସରସରାରେ ଗ୍ୟାସ୍ କଳା ବଜାରି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ଗ୍ୟାସ୍ କଳାବଜାରି ଓ ଅଭାବି ବିକ୍ରି ନେଇ ଜିଲ୍ଲା ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସରସରା ଗାଁର ଏକ ଘର ଚଢ଼ଉ, ଚଢ଼ଉ ବେଳେ ଘର ଭିତରୁ ମିଳିଲା ୨୧ଟି ଗ୍ୟାସ୍, ଇଣ୍ଡେନ୍ ଗ୍ୟାସ୍ ଚୋରା କାରବାର କରି ଚଢ଼ା ଦାମ୍‌ରେ ବିକ୍ରି କରୁଥିବା ଅଭିଯୋଗ, ସରସରା ଗାଁର କୁଳମଣି ଭୁଏଙ୍କ ଘରକୁ ପ୍ରଶାସନ ପକ୍ଷରୁ ଚଢ଼ଉ ଜାରି, କେଉଠୁଁ ଆସୁଥିଲା ଗ୍ୟାସ୍, ବେଆଇନ୍ ଗ୍ୟାସ୍ ବିକ୍ରି ପଛରେ କାହାର ହାତ ରହିଛି, କେଉଁ ଡିଲର୍‌ରୁ ଏଭଳି ବେଆଇନ୍ ଭାବେ ଗ୍ୟାସ୍ ହେଉଥିଲା ଚାଲାଣ ତାକୁ ନେଇ ଖୋଳତାଡ଼ କରୁଛି ଖାଦ୍ୟ ଓ ଯୋଗାଣ ବିଭାଗ ।

# ସିକଟପଲ୍ଲୀ ଗାଁ ମୌଳିକ ସୁବିଧା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଥିବା ରାଲେଗଡା ପଞ୍ଚାୟତ ସିକଟପଲ୍ଲୀ ଗାଁରେ ମୋଟ୍ ୨୫ଟି ପରିବାର ବସବାସ କରୁଥିବା ବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଆବାସ ଘର, ଗମନାଗମନ ଭଳି ମୌଳିକ ସୁବିଧା ଏମାନଙ୍କ ପାଇଁ ପାଲଟିଛି ସାତ ସପନ । ମୌଳିକ ସୁବିଧା କହିଲେ କେବଳ ୫ କିଲୋ ଚାଉଳ, ତାହାବି ୧୫ କିଲୋମିଟର ଯାଇ ଆଣିବାକୁ ପଡେ । ବର୍ଷା ସମୟରେ କାହାର ଯଦି ଦେହ ଖରାପ ହୁଏ ତେବେ ତାକୁ ଭଗବାନ ହିଁ ଏକମାତ୍ର ସାହା ଭରସା । ୫ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗାଁକୁ ଗାଁ ଯୋଡିବା ପାଇଁ ରାସ୍ତାର ସଂଯୋଗ କରାଯାଇଥିଲା । କିନ୍ତୁ ଏହି ସିକଟପଲ୍ଲୀ ଗାଁ ନିକଟରୁ ଅଧପାନ୍ତରିଆ ରାସ୍ତା କରି ଛାଡି ଚାଲିଗଲେ ଠିକାଦାର । ବର୍ତମାନ ଦୁଇଟି ସେତୁ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ, ବର୍ଷା ସମୟରେ କାଠ ପୋଲ ହିଁ ଏକମାତ୍ର ଭରସା ଗାଁ ବାସିନ୍ଦାଙ୍କ ପାଇଁ । ରାସ୍ତାର ସଂଯୋଗ ନଥିବା କାରଣରୁ ଗାଁ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରହିଛି । ଆବାସ ଯୋଜନା ସାତ ସପନ ଥିବାବେଳେ, ମାଟି ଘରେ କଟୁଛି ଦିନ । ବର୍ଷା ହେଲେ ସିକଟପଲ୍ଲୀ ବସିନ୍ଦାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁପଡୁଛି ।

# ଇନ୍ଧନ ଗ୍ୟାସ୍ ଅଭାବ ପରିସ୍ଥିତିକୁ ସଠିକ୍ ପରିଚାଳନା ପାଇଁ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାରେ ଏଲ୍‌ପିଜି, ଗ୍ୟାସ୍‌ର ଅଭାବ ପରିସ୍ଥିତିକୁ ସଠିକ୍ ଭାବେ ପରିଚାଳନା କରିବା ଓ ସାଧାରଣ ଲୋକଙ୍କୁ ସମୟମତେ ଗ୍ୟାସ୍ ବଣ୍ଟନରେ ସୁନିଶ୍ଚିତ କରିବା ନେଇ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ରଘୁରାମ ଆର୍ ଆୟଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଇଣ୍ଡିଆନ୍ ଓଇଲ୍ କର୍ପୋରେସନ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଓ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍‌ର ପ୍ରତିନିଧିମାନଙ୍କ ସହିତ ଜିଲ୍ଲା ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାରେ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ସମ୍ପର୍କିତ ବର୍ତ୍ତମାନ ପରିସ୍ଥିତି ଉପରେ ଆଲୋଚନା ହୋଇଥିବା ସହ ଗ୍ୟାସ୍ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରିବା ଓ ସମୟମତେ ଗ୍ରାହକମାନଙ୍କୁ ଗ୍ୟାସ୍ ଉପଲବ୍ଧ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ବନ୍ଧିତ ତେଲ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଗ୍ୟାସ୍ ବଣ୍ଟନ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା, କଳାବଜାରୀ କିମ୍ବା ମହଜୁତଦାରୀ ଘଟିବାକୁ ନଦେବା ଉପରେ ମଧ୍ୟ ଜୋର୍ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ସାଧାରଣ ଲୋକଙ୍କୁ ଗ୍ୟାସ୍ ପ୍ରଦାନରେ କୌଣସି ଅସୁବିଧା ନହେବାକୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ଏପ୍ରିଲ ୭ରୁ ବନଦୁର୍ଗା ମହୋତ୍ସବ:ମା' ପାଟଣେଶ୍ୱରୀଙ୍କୁ ନିଉତା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାର ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଦ ଦେଶରେ ଆସନ୍ତା ଏପ୍ରିଲ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ବନଦୁର୍ଗା ମହୋତ୍ସବ ଅନୁଷ୍ଠିତ ହେବ । ପ୍ରାକ୍ତନ ପାଟଣାରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଦେବ ନିମନ୍ତ୍ରଣ କରାଯାଇଥିଲା ଏବଂ ଅଞ୍ଚଳର ସମସ୍ତ ଦେବାଦେବୀ ଓ ଗ୍ରାମ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପଠାଯିବ । ଏହି ମହୋତ୍ସବ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଅବା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ଏକତା, ଉନ୍ନତି ଏବଂ ସାମଗ୍ରିକ ବିକାଶ ନିମନ୍ତେ ପଥ ପ୍ରଦର୍ଶକ ହୋଇଥାଏ । କଳା ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ଏକ ଉତ୍କୃଷ୍ଟ ମଞ୍ଚ ହୋଇଥାଏ ଯଦ୍ୱାରା ଅନେକ କଳାକାର, କଳାପ୍ରେମୀ ତାଙ୍କ କଳାକୁ ପ୍ରଦର୍ଶନ କରି ପୁଣି ଏକତାର ବର୍ତ୍ତା ଦେଇଥାନ୍ତି । ଏହି ମହୋତ୍ସବରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ ଯୋଗଦେଉଥିବା ଆୟୋଜକ ସୂତ୍ରରୁ ପ୍ରକାଶ । ସ୍ଥାନୀୟ ଲୋକନୃତ୍ୟ, ଲୋକ ଗୀତ, ଲୋକନାଟକ ତଥା ଜିଲ୍ଲା ବାହାରର କଳାକାର, କଂସ ଦରବାରରେ କଂସ ଭୂମିକାରେ ଅନିଲ କୁମାର ନାଏକ, ମୀନା ବଜାର ଓ ମୁଖ୍ୟତଃ ମାଁ ବନଦୁର୍ଗାଙ୍କ ପୂଜନୋତ୍ସବ ମହାସମାରୋହରେ ପାଳିତ ହେବା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭାପତି ସଂଜୟ ଗଡତ୍ୟା, ସମ୍ପାଦକ ଜୟକୃଷ୍ଣ ମିଶ୍ର, ଉପସଭାପତି କୈଳାସ ସିଂଦେଓ, ସହ-ସମ୍ପାଦକ ବିକାଶ ରଞ୍ଜନ ରଥ, ନରେନ୍ଦ୍ର ବିଶି, ଭରତ ସାହୁ, ଅଜୟ ଗଡତ୍ୟା, ଗିରିଧାରି ପୁଟା, ପ୍ରମୋଦ ପଟେଲ, ଲମ୍ବୋଦର ପଟେଲ, ବ୍ୟାସଦେବ ବନଛୋର, ସଦାନନ୍ଦ ମହଲା, ସ୍ୱେଚ୍ଛାସେବୀ ଗଗନ ନାଥ ପ୍ରମୁଖ ଆୟୋଜନରେ ନେତୃତ୍ୱ ନେଉଛନ୍ତି ।



32 YEARS
ସମ୍ବାଦ କଳିକା

# ଡ୍ରୋନ ପ୍ରଯୁକ୍ତିବିଦ୍ୟା ବିକାଶ କରିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଇରାନ ଯୁଦ୍ଧରୁ ଭାରତ ଶିକ୍ଷା ନେଉଛି । ଇରାନର ଡ୍ରୋନ ଏବଂ କ୍ଷେପଣାସ୍ତ୍ର ରଣନୀତି ଇରାନ-ଇସ୍ରାଏଲ/ଆମେରିକା ବିବାଦରେ ଆମେରିକାକୁ ପଛକୁ ପକାଇ ଦେଇଛି । ଭାରତ ମଧ୍ୟ ଏହି ଦିଗରେ ଆଗକୁ ବଢୁଛି । ସୋଲାର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ସ୍ୱଦେଶୀ ଡ୍ରୋନ ବିକଶିତ କରୁଛନ୍ତି । ଏହି ଡ୍ରୋନଗୁଡ଼ିକର ରେଞ୍ଜ ୧୦୦୦ କିଲୋମିଟର ଏବଂ ଏହା ଅତ୍ୟନ୍ତ ଉନ୍ନତ AI ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ । ଚୀନ୍ ଏବଂ ପାକିସ୍ତାନରୁ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଏହାକୁ ଏକ ପ୍ରମୁଖ ରଣନୀତି ଭାବରେ ବିବେଚନା କରାଯାଉଛି । ଇରାନ ସହିତ ଇସ୍ରାଏଲ-ଆମେରିକୀୟ ଯୁଦ୍ଧରେ ବିଶ୍ୱ ବୁଡ଼ି ରହିଛି । ତେଲ ମୂଲ୍ୟ ଆକାଶଛୁଆଁ ହୋଇଛି । ଏହାର ପ୍ରଭାବ କେବଳ ଭାରତରେ ନୁହେଁ ବରଂ ଅନେକ ଦେଶ ଉପରେ ପଡିଛି । ଏହି ଯୁଦ୍ଧରେ, ଇରାନ ନିଜର ସଠିକ ରଣନୀତି ସହିତ ଆମେରିକା ଭଳି ଏକ ମହାଶକ୍ତିକୁ ପଛକୁ ପକାଇ ଦେଇଛି । ଏହି ଯୁଦ୍ଧ ଆମେରିକା ପାଇଁ ବହୁତ ମହଙ୍ଗା ପ୍ରମାଣିତ ହେଉଛି । ବିଶ୍ୱର ରଣନୈତିକ ବିଶେଷଜ୍ଞମାନେ ଏହି ଇରାନୀ ରଣନୀତିକୁ ଅତ୍ୟନ୍ତ ସଠିକ ଏବଂ ଆଧୁନିକ ଯୁଦ୍ଧ କୌଶଳ ବୋଲି କହୁଛନ୍ତି । S-୩୫ ଏବଂ F-୨୨ ପରି ପଞ୍ଚମ ପିଢ଼ିର ଲଢୁଆ ବିମାନ ଏବଂ ଆଇରନ ଡୋମ୍ ପରି ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀରେ ସଜ୍ଜିତ ଆମେରିକା ଏବଂ ଇସ୍ରାଏଲ ଏବେ ଅସହାୟ ଦେଖାଯାଉଛି । ଇରାନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର କୌଶଳ ବିଶ୍ୱର ବିଶେଷଜ୍ଞମାନେ ଏହାକୁ ଭବିଷ୍ୟତର ଯୁଦ୍ଧର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହୁଛନ୍ତି । ଫଳସ୍ୱରୂପ, ଅନେକ ଦେଶ କାଳ ବିଳମ୍ବ ନକରି ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି କିମ୍ବା ପୂର୍ବରୁ କରିସାରିଛନ୍ତି । ଇରାନ-ଇସ୍ରାଏଲ/ଆମେରିକା ଯୁଦ୍ଧରେ ଭାରତ ସବୁଠାରୁ ଚର୍ଚ୍ଚିତ ଅଂଶ ମଧ୍ୟରୁ ଗୋଟିଏ । ଶାହେଦ-୧୩୬ ଡ୍ରୋନ ସାରା ଆରବ ବିଶ୍ୱରେ ତାଣ୍ଡବ ସୃଷ୍ଟି କରିଛି । ଇରାନ ପାଖରେ ଏପରି ହଜାର ହଜାର ଡ୍ରୋନ ଥିବା ଜଣାପଡ଼ିଛି । ଭାରତ ପଞ୍ଚମ ପିଢ଼ିର ଲଢୁଆ ବିମାନ ଦୌଡ଼ରେ ପଛରେ ରହିଛି । ବର୍ତ୍ତମାନ ଭାରତ ପାଖରେ ମୁଖ୍ୟତଃ ଚତୁର୍ଥ ପିଢ଼ିର ଲଢୁଆ ବିମାନ ଅଛି । ୪.୫+ ପିଢ଼ିର ୩୬ଟି ରାଫେଲ କିଣିଛି । ଆମର ସ୍ୱଦେଶୀ ଲଢୁଆ ବିମାନ କାର୍ଯ୍ୟକ୍ରମ, ତେଜସ୍, ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିପକ୍ୱ ହୋଇନାହିଁ । ଆମେ ଆଉ ୧୧୪ଟି ରାଫେଲ କିଣିବା ଯୋଜନା ଉପରେ କାମ କରୁଛୁ । ସବୁକିଛି ନିର୍ଦ୍ଧାରିତ ସମୟ ଅନୁଯାୟୀ ହୁଏ, ତେବେ ନୂଆ ଚୁକ୍ତି ଅନୁଯାୟୀ ରାଫେଲର ବିତରଣ ପ୍ରାୟ ୨୦୩୦ରେ ଆରମ୍ଭ ହେବ । ତେଜସ୍ ମାର୍କ-୨ର ବିତରଣ ମଧ୍ୟ ସେହି ସମୟରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଚୀନ୍ ପୂର୍ବରୁ ଶହ ଶହ ପଞ୍ଚମ ପିଢ଼ିର ଲଢୁଆ ବିମାନକୁ ତା'ର ସେନାରେ ସାମିଲ କରିସାରିଛି । ଏହା ପାକିସ୍ତାନକୁ ଏହି ଲଢୁଆ ବିମାନ ଯୋଗାଇବା ବିଷୟରେ ମଧ୍ୟ କଥା ହୋଇଛି । ଆମେ ଏକ ଦ୍ୱିଗୁଣିତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛୁ । ଆମ ପାଖରେ କେବଳ ୩୦ଟି ସ୍କ୍ୱାର୍ଡନ୍ ଫାଇଟର ଜେଟ୍ ବାକି ଅଛି । ଭାରତ ମଧ୍ୟ ଏହି ପ୍ରକାରର ଡ୍ରୋନ ବିକଶିତ କରିବାକୁ ପ୍ରସ୍ତୁତ ହେଉଛି । ଏହି ଡ୍ରୋନଗୁଡ଼ିକର ଦୂରଗାମୀ କ୍ଷମତା ଅଛି ଏବଂ ଏହା ଅତ୍ୟନ୍ତ ଶସ୍ତା । ଭାରତର ଘରୋଇ କ୍ଷେତ୍ର ଏହି କ୍ଷେତ୍ରରେ ପ୍ରବେଶ କରିଛି । ଅନେକ କମ୍ପାନୀ ଏବଂ ଷ୍ଟାର୍ଟଅପ୍ ସ୍ୱଦେଶୀ ଦୀର୍ଘଗାମୀ ଲାଇଟିଂ ଯୁଦ୍ଧାସ୍ତ୍ର, କିମ୍ବା ଆକ୍ରମଣ ଏବଂ ଧ୍ୱଂସ କରୁଥିବା ଡ୍ରୋନ ବିକାଶ କରିବାରେ ନିୟୋଜିତ ଅଛନ୍ତି । ଏହି କମ୍ପାନୀଗୁଡ଼ିକ ଭାରତୀୟ ସେନାର ଆବଶ୍ୟକତା ପୂରଣ କରିବା ଏବଂ ଉଦୀୟମାନ ବିଶ୍ୱ ଡ୍ରୋନ ବଜାରରେ ସେମାନଙ୍କର ସ୍ଥିତିକୁ ମଜବୁତ କରିବା ଲକ୍ଷ୍ୟ ରଖିଛନ୍ତି । ସେମାନେ ଘରୋଇ ଆବଶ୍ୟକତା ପୂରଣ କରିବା ସହିତ ରପ୍ତାନି ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି । ଏହି ଦୌଡ଼ରେ ଅନେକ କମ୍ପାନୀ ସାମିଲ ଅଛନ୍ତି । ଏକ ପ୍ରମୁଖ ନାମ ହେଉଛି ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍, ଯାହା ପିନାକା ରକେଟ୍ ସିଷ୍ଟମର ନିର୍ମାତା । ଭାରତ ପାଖରେ ପ୍ରାୟ ୬୦୦ ଯୁଦ୍ଧ ବିମାନ ଅଛି । ଚୀନ ପାଖରେ ପ୍ରାୟ ୨,୦୦୦ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୁଦ୍ଧ ବିମାନ ହାସଲ କରିବା ଏବଂ ବୃଦ୍ଧି କରିବା ଏକ ଜଟିଳ କାର୍ଯ୍ୟ । ଏହା କିଛି ମାସ ମଧ୍ୟରେ ସମ୍ପାଦିତ ହୋଇପାରିବ ନାହିଁ । ତେଣୁ, ଭାରତକୁ ଏକକାଳୀନ ବିକଳ୍ପ ଉପରେ କାମ କରିବାକୁ ପଡିବ । ଡ୍ରୋନ ଭାରତ ମଧ୍ୟ ଅପରେସନ ସିନ୍ଦୂର ସମୟରେ ଡ୍ରୋନର ଗୁରୁତ୍ୱ ବୁଝିଥିଲା । ପାକିସ୍ତାନ ଭାରତ ଉପରେ ଶହ ଶହ ତୁର୍କୀ ନିର୍ମିତ ଡ୍ରୋନ ଚଳାଇଥିଲା । ତଥାପି, ଭାରତ ସମସ୍ତ ଡ୍ରୋନକୁ ଖସାଇ ଦେଇଥିଲା । ତେଣୁ, ଇରାନ ଯୁଦ୍ଧ ଏବଂ ପୂର୍ବ ଅପରେସନ ସିନ୍ଦୂରର ଅଭିଜ୍ଞତାକୁ ଦୃଷ୍ଟିରେ ରଖି, ଡ୍ରୋନ ପ୍ରଯୁକ୍ତିବିଦ୍ୟା ବିକାଶ କରିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ।

# ଅଶରୀରୀର ହସ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

"ମଣି, ମଣି, ହେ ମଣି" ଡାକରେ ଚିନ୍ତାମଣିଙ୍କ ନିଦ ହଠାତ୍ ଭାଙ୍ଗିଗଲା । ଘଣ୍ଟାକୁ ଚାହିଁ ଦେଖିଲେ ଯେ ରାତ୍ରୀ ଦୁଇଟା । ଶୋଇଥିବା ଖଟ ଉପରୁ ଖୋଲା ରହିଥିବା ଝରକା ବାଟ ଦେଇ ସେ ଦେଖିଲେ ଯେ ପାଖ ଅଗଣାରେ କେହି ଜଣେ ଧଳା ଲୁଗା ପିନ୍ଧି ଠିଆ ହୋଇ ତାଙ୍କ ଆଡ଼କୁ ଏକ ଲକ୍ଷ୍ୟରେ ଚାହିଁ ରହିଥିଲା । ସେତେବେଳେ ପୂର୍ଣ୍ଣଚନ୍ଦ୍ରର କିରଣ ଅଗଣାରେ ବିଛେଇ ହୋଇପଡ଼ିଥିଲା । ଦୁଆର ଫୁଲଗଛମାନଙ୍କରେ ଫୁଟିଥିବା ଫୁଲସବୁର ମନମତାଣିଆ ମହକ ଧୀର ପବନରେ ଭାସିଆସୁଥିଲା । ସେ ଭାବିଲେ ଯେ ବାହାର ଫାଟକରେ ତାଲା ପଡ଼ିଥିବାବେଳେ ଏତେ ରାତିରେ କିଏ ବା ତାଙ୍କୁ ଆସି ଏପରି ଡାକୁଛି ? ଚିନ୍ତାମଣିଙ୍କ ନିଜ ଗାଁରେ ଡାକ ନାମ ଥିଲା ମଣି ଓ ସେହି ନାମରେ ତାଙ୍କୁ ବାହାରର କେହି ଡାକୁ ନଥିଲେ । ସେ ଘର କବାଟ ଖୋଲି ଅଗଣାରେ ଦେଖନ୍ତି ତ ସେପରି କେହି ନଥିଲେ । ଘଟଣାଟି ଘଟିଥିଲା ଚିନ୍ତାମଣି ବି.ଏ. ପାସ୍ କରି କଟକ ଟ୍ରେନିଂ ସ୍କୁଲରେ B.Ed. ପାଠ ପଢୁଥିବା ସମୟର । ସେତେବେଳେ ଛାତ୍ରାବାସଟି ଥିଲା କାଠଯୋଡ଼ି ନଦୀ କୂଳସ୍ଥ ସରକାରୀ କୋଠାଘରେ । ଏହାଥିଲା ପ୍ରାୟ ପଚାଶ ଦଶକର କଥା ।

ଏହି ପ୍ରଥମ ଘଟଣାର ଦୁଇଦିନ ପରେ ରାତ୍ରୀର ଠିକ୍ ସେହି ସମୟରେ କୋଠରିରେ ଜଣେ ଯୁବତୀର ହସ ଶୁଣି ତାଙ୍କ ନିଦ ଭାଙ୍ଗିଯାଇଥିଲା । ସେ ଦେଖିଲେ ଯେ ଯୁବତୀଟି ଛିଟ ଶାଢ଼ିଟିଏ ପିନ୍ଧିଥିଲା । ପିନ୍ଧା ଶାଢ଼ିର କାନିଟାକୁ ଓଠରେ ଚାପି ଧରି ସେ ହସୁଥିଲା । ସେପରି ଶାଢ଼ି ଧରିବାରେ ମୁହଁଟା ତାର ଜଣା ପଡୁନଥିଲେ ମଧ୍ୟ ସେ ଦେଖିବାକୁ ଥିଲା ଖୁବ୍ ସୁନ୍ଦରୀ । ତାହାର ସେହି ହସରେ ଥିଲା ମାଦକତା । ଚିନ୍ତାମଣି ତାକୁ 'ତୁମେ କିଏ' ବୋଲି ପଚାରନ୍ତେ ସେ କିଛି ଉତ୍ତର ନଦେଇ ସେହିଭଳି ହସି ହସି ସେଠାରୁ ଉଭେଇ ଗଲା । ଏପରି ଘଟଣା ପ୍ରତି ଦୁଇ ବା ତିନି ଦିନ ଅନ୍ତରରେ ତାଙ୍କୁ ଦେଖିବାକୁ ମିଳୁଥିଲା । ବିଶେଷତଃ ଯେଉଁ ଦିନ ସେ ସଫା ଚାଦର ଖଟ ଶେଯ ଉପରେ ପକାଉଥିଲେ ସେହିଦିନ ହିଁ ନିଶ୍ଚିତ ଭାବରେ ଯୁବତୀଟି ଆସୁଥିଲା । ଏପରି ଘଟଣାକୁ ସେ କାହାକୁ କହୁନଥିଲେ ଓ ତାଙ୍କ ଦେହର ଅସୁସ୍ଥତା କ୍ରମଶଃ ବଢ଼ିବାରେ ଲାଗିଲା । ଦିନେ ବାଧ୍ୟ ହୋଇ ସଂପୂର୍ଣ୍ଣ ଘଟଣାଗୁଡ଼ିକ ସେ ତାଙ୍କ ମାଆ ଓ ବାପାଙ୍କୁ କହିଦେଲେ । ପୁଅର ଏପରି ଅବସ୍ଥା ଶୁଣି ବାପା-ମାଆ ବିଶେଷ ବ୍ୟସ୍ତ ହୋଇପଡ଼ିଲେ । କେତେକ ଗୁଣିଆଙ୍କ ପରାମର୍ଶ ବି ନିଆଗଲା । ଗୁଣିଆମାନେ ସେମାନଙ୍କର ଯେତେ ବିଦ୍ୟା ପ୍ରୟୋଗ କଲେ ମଧ୍ୟ କୌଣସିଟିରେ କିଛି ଫଳ ମିଳିନଥିଲା । କେହି ଜଣକ କଥାରେ ଶ୍ରୀଜଗନ୍ନାଥଙ୍କ ସେବାରେ ଲାଗି ହୋଇଥିବା ତୁଳସୀ ଓ ଚନ୍ଦନକୁ ଏକ ତାବିଜ ଭିତରେ ପୂରାଇ ହାତରେ ତାଙ୍କୁ ବାନ୍ଧିବାକୁ ଦିଆଗଲା । ଏଥିରେ ଏତିକି ହେଲା ଯେ ଯୁବତୀଟି ତାଙ୍କ ଖଟ ପାଖକୁ ଆଉ ଲାଗି ଠିଆ ନହୋଇ ପ୍ରାୟ ଏକ ହାତ ଦୂରରେ ରହି ସେହିପରି ହସିଲା । ସେତେବେଳେ କଟକର ପ୍ରସିଦ୍ଧ ଡାକ୍ତର ସ୍ୱର୍ଗତ ରଘୁନାଥ ସାହୁଙ୍କ ପାଖରେ ଚିନ୍ତାମଣିଙ୍କୁ ନେଇ ଚିକିତ୍ସା କରାଗଲା । ତାଙ୍କ ଠାରୁ ଯେତେ ପ୍ରକାରର ଔଷଧ ଖାଇଲେ ମଧ୍ୟ ସେ ସବୁ କିଛି କାମ ଦେଲା ନାହିଁ । ଏଣେ ଦେହର ଦୁର୍ବଳତା କ୍ରମଶଃ ବଢ଼ିବାରେ ଲାଗିଲା । B.Ed. ପାଠ ପଢ଼ାସାରି ଚିନ୍ତାମଣି ତାଙ୍କ ପୂର୍ବ ଚାକିରିରେ ପୁଣି ଆସି ଯୋଗଦେଲେ । ସେ ସେତେବେଳେ ଭୁବନେଶ୍ୱର ନିକଟସ୍ଥ ଭିଙ୍ଗାରପୁର ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଥିଲେ । ନିଜର ସହକର୍ମୀମାନେ ମଧ୍ୟ ତାଙ୍କର ଏପରି ଅବସ୍ଥା ଦେଖି ବଡ଼ ଚିନ୍ତିତ ହୋଇପଡ଼ିଲେ । ଭିଙ୍ଗାରପୁର ବଜାରରେ ସେତେବେଳେ ଜଣେ ବିହାରୀ ଦରଜୀ ରହୁଥିଲେ । ପୋଷାକ ତିଆରିରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା । ମଜୁରୀ ନିମନ୍ତେ ସେ କାହା ପାଖରେ କିଛି ଦାବି କରୁନଥିଲେ ଓ ଯିଏ ଯାହା ଦେଉଥିଲା ତାହାକୁ ସାଦରେ ଗ୍ରହଣ କରୁଥିଲେ । ସେ ଜଣେ ହନୁମାନ ସାଧକ ଭାବେ ସାଧାରଣରେ ପରିଚିତ ଥିଲେ । ଭିଙ୍ଗାରପୁର ପାଖ ଦୁର୍‌ଦୁରା ଗ୍ରାମରେ ଥିବା ପ୍ରସିଦ୍ଧ ମହାବୀରଙ୍କ ମନ୍ଦିରରେ ପ୍ରତି ଶନିବାର, ଅମାବାସ୍ୟା, ସଂକ୍ରାନ୍ତି ଓ ପୂର୍ଣ୍ଣମୀ ଦିନ ସେ ପୂଜା କରୁଥିବାର ଲୋକେ କହୁଥିଲେ । ସୋଲ ଜଳସ୍ରୋତ କୂଳର ଘନ ଜଙ୍ଗଲ ମଧ୍ୟରେ ବର୍ତ୍ତମାନ ରହିଛି ସେହି ଦେବପୀଠ । ଗଙ୍ଗ ରାଜତ୍ୱ କାଳରେ ଏହି ପୀଠ ସ୍ଥାପିତ ହୋଇଥିବାର କୁହାଯାଏ । ସେତେବେଳେ ସେଠାରେ କୌଣସି ମନ୍ଦିର ନଥିଲା । ନଡ଼ା ଛପର ଘରେ ଠାକୁରଙ୍କର ଦୁଇଟି ବିଗ୍ରହ ପୂଜା ପାଉଥିଲେ । ବର୍ତ୍ତମାନ ଏହି ସ୍ଥାନର ଯଥେଷ୍ଟ ଉନ୍ନତି ହୋଇଛି ଓ ନଡ଼ା ଛପର ଘର ସ୍ଥାନରେ ନୂଆ ମନ୍ଦିର ଗଢ଼ା ହୋଇଛି । ସେତେବେଳର ସୁନ୍ଦର ଘଞ୍ଚ ଜଙ୍ଗଲ ଏବେ ଆଉ ଦେଖିବାକୁ ମିଳୁନାହିଁ । ଅଟା, ଗୁଆଘିଅ ଓ ଚିନିରେ ତିଆରି ଏକ ସୁସ୍ୱାଦୁ ଲଡୁ 'ଚୁରୁମୁଆଁ' ଠାକୁରଙ୍କ ପାଖରେ ପ୍ରସ୍ତୁତ ହୋଇ ଭୋଗ ହୁଏ । ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଭକ୍ତ ବର୍ଷର ସବୁ ସମୟରେ ସେହି ପୀଠକୁ ଆସିଥାନ୍ତି ।

ହନୁମାନ ସାଧକ ଦରଜୀ ମହାଶୟ ଦେଖିବାକୁ ୬ଫୁଟ ଉଚ୍ଚର ଡେଙ୍ଗା ଓ ଗୋରା ଲୋକ । ମୁଣ୍ଡରେ ତାଙ୍କର ଝଲକୁଥିଲା ଲମ୍ବା ସିନ୍ଦୂରର ଗାର । ସର୍ବଦା ଧଳା କୁରୁତା ଓ ପାଇଜାମା ସେ ପିନ୍ଧୁଥିଲେ । ରୁଟି ଓ ଚଟଣି ତାଙ୍କର ଥିଲା ଦୁଇ ଓଳିର ପ୍ରିୟ ଖାଦ୍ୟ । ଆମିଷ ସେ ଆଦୌ ଖାଉ ନଥିଲେ । ଲେଖକ ସେଠାର ମାଇନର୍ ସ୍କୁଲର ୬ଷ୍ଠ ଶ୍ରେଣୀରେ ପାଠପଢୁଥିବାବେଳେ ସେହି ଦରଜୀଙ୍କୁ ଦେଖିଥିଲା । ନିଜ ପୋଷାକ ମଧ୍ୟ ତାଙ୍କରି ପାଖେ ତିଆରି କରାଇଥିବାର ଏବେ ବି ମନେ ରହିଛି । କୌଣସି ଜଣେ ସହକର୍ମୀଙ୍କ ସହିତ ଚିନ୍ତାମଣି ସେହି ଦରଜୀଙ୍କ ପାଖକୁ ଯାଇ ତାଙ୍କୁ ସମସ୍ତ କଥା କହିଲେ । ଦରଜୀ ମହାଶୟ କିଛି କ୍ଷଣ ଚିନ୍ତାକରି କହିଲେ, "ଯଦି ସେହି ଯୁବତୀ ପୁଣି ଆସିବ ତେବେ ତାକୁ ପଚାରିବ ଯେ ତୁମେ ଏକା ନା ଆଉ କିଏ ଆସିଛି ।" ଚିନ୍ତାମଣି କହିଲେ, "ସେହି ସ୍ତ୍ରୀ ଲୋକକୁ ଦେଖିଲେ ମୁଁ ଏତେ ଡରି ଯାଉଛି ଯେ ଚିତ୍କାର କରି ଉଠୁଛି ।" ତାକୁ ପୁଣି ଏକଥା କିପରି ପଚାରିବି ? ମାତ୍ର ଦରଜୀ ମହାଶୟ ତାଙ୍କୁ ଆଶ୍ୱାସନା ଦେଇ କହିଲେ, "ହଁ ତୁମେ ତାଙ୍କୁ ନିଶ୍ଚୟ ପଚାରି ପାରିବ ?" ଏତିକି ଶୁଣିବା ପରେ ଚିନ୍ତାମଣି ଘରକୁ ଫେରିଗଲେ । ପରଦିନ ରାତ୍ରୀର ଠିକ୍ ପୂର୍ବ ସମୟ ଆସିଗଲା । ସେତେବେଳେ ଚିନ୍ତାମଣିଙ୍କ ଆଖିରେ ନିଦ ନଥିଲା । ଖଟ ଉପରେ ବସି ପିଲାମାନଙ୍କର ପରୀକ୍ଷା ଖାତାଗୁଡ଼ିକର ମୂଲ୍ୟାଙ୍କନ ସେ ସେତେବେଳେ କରୁଥିଲେ । ଠିକ୍ ସମୟରେ ଯୁବତୀଟି ପୂର୍ବଭଳି କୋଠରି ମଧ୍ୟରେ ପ୍ରବେଶ କଲା । ତାକୁ ଦେଖି ସାହସ କରି ଚିନ୍ତାମଣି ପଚାରିଲେ, "ତୁମେ ଏକୁଟିଆ ନା ଆଉ କିଏ ତୁମ ସାଥିରେ ଅଛି ?" ଯୁବତୀର ହସ ଆହୁରି ଜୋର୍‌ରେ ବଢ଼ିଗଲା । ସେ ପ୍ରଥମ କରି ଉତ୍ତର ଦେଲା, "ତା ହେଲେ ଦେଖିବ ଆଉ କିଏ ଅଛି ?" ଏତିକି କହି ସେ କୁଆଡ଼େ ଉଭେଇ ଗଲା । ତାହା ପରଦିନ ଠିକ୍ ସେହି ସମୟରେ ଯୁବତୀଟି କୋଠରି ମଧ୍ୟକୁ ଝରକା ଦେଇ ପ୍ରବେଶ କରିଥିଲା । ସାଥିରେ ଝରକା ଆରପଟେ ଥିଲା ଅନ୍ୟ ଜଣେ ଗୋରା ଓ ଚଉଡ଼ା ମୁହଁର ପୁରୁଷ ଲୋକଟିଏ । କୋଠରି ମଧ୍ୟକୁ ପ୍ରବେଶ କରିବାକୁ ସେ ଉଦ୍ୟମ କରୁଥିଲା । ମାତ୍ର ଯୁବତୀଟି ନିଜର ଡାହାଣ ହାତରେ ତାକୁ ଅଟକାଉଥିବା ଦେଖାଯାଇଥିଲା । ଯୁବତୀଟି କହିଲା, "ଦେଖ୍ କିଏ ?" । ସେପରି ଲୋକକୁ ଦେଖି ଚିନ୍ତାମଣି ଚିତ୍କାର କରି ଉଠିଲେ । ତାଙ୍କ ପାଟି ଶୁଣି ପରିବାରର ଅନ୍ୟମାନେ ଉଠି ତାଙ୍କ କୋଠରି ଆଡ଼କୁ ଧାଇଁ ଆସିଲେ । ସମସ୍ତେ ଦେଖିଲେ ଯେ ଯୁବତୀଟି ଆସ୍ତେ ଆସ୍ତେ ଉପରକୁ ଉଠୁଥିବାବେଳେ ସାଥିରେ ଥିବା ପୁରୁଷ ଲୋକଟି ସେହି ଯୁବତୀର ବାମ ଜାନୁ ଧରି ତାହା ସହ ସେହିପରି ଉଠୁଥିଲା । ସେଦିନ ଯୁବତୀର ମୁହଁରେ ସେପରି ଖିଲିଖିଲି ହସ ନଥିଲା । ଚିନ୍ତାମଣିଙ୍କ ସହିତ ପରିବାରର ଅନ୍ୟମାନେ ସେପରି ଦୃଶ୍ୟ ଦେଖି ହତଚକିତ ହୋଇପଡ଼ିଲେ । ପରିଦିନ ସକାଳୁ ଚିନ୍ତାମଣି ଦରଜୀ ମହାଶୟଙ୍କୁ ଭେଟି ରାତ୍ରୀରେ ଘଟିଥିବା ସମସ୍ତ ଘଟଣା କହିଲେ । ଦରଜୀ କହିଲେ, "ସେ ଆଉ ଆସିବ ନାହିଁ । ଗୋଟାଏ ଭୁଲ୍ ବୁଝିବା ନେଇ ସେ ଏପରି ଆସୁଥିଲା ।" ତେବେ ଶ୍ରୀଜଗନ୍ନାଥଙ୍କ ଅବଢ଼ା ଲାଗିଥିବା ଚାରିଟି ଛୋଟ କୁଡୁଆକୁ ରହୁଥିବା ଘରର ଚାରିଦିଗରେ ଟାଙ୍ଗି ଦେବା ପାଇଁ ସେ ତାଙ୍କୁ ପରାମର୍ଶ ଦେଇଥିଲେ । ଚିନ୍ତାମଣି ସେହିଦିନ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସାରିବା ପରେ ସେପରି କୁଡୁଆମାନ ଆଣି ଘର ଚାରି ଦିଗରେ ଟାଙ୍ଗିଦେଲେ । ସେହିଦିନଠାରୁ ତାଙ୍କର ବଞ୍ଚିଥିବା ଯାଏ ସେପରି ଘଟଣା ଆଉ ଘଟି ନଥିଲା ।

ଅଶରୀରୀର ହସ ? କାହାଣୀଟି ପଢ଼ିଲେ ସ୍ୱତଃ ମନରେ ଆସିଯାଏ ଦ୍ୱନ୍ଦ୍ୱ । ଯେଉଁଠାରେ ବିଜ୍ଞାନର ପ୍ରତିଟି ଚମତ୍କାରିତା ସମାଜ ଉପଲବ୍ଧି କରିଚାଲିଛି, ସେତେବେଳେ ଏହାକୁ ଏକ 'ଆଇମା କାହାଣୀ' ବୋଲି ଯଦି କେହି କହନ୍ତି ତେବେ ସେପରି ପ୍ରଶ୍ନର ଉତ୍ତର ନାହିଁ । ମାତ୍ର ଯାହାର ଅନୁଭୂତିକୁ ନେଇ ବିଷୟବସ୍ତୁଟି ଉପସ୍ଥାପନା ଏଠାରେ କରାଯାଇଛି ସେ ଥିଲେ ଷାଠିଏ ଦଶକର ଭୁବନେଶ୍ୱର ନିକଟରେ ଥିବା ଭିଙ୍ଗାରପୁର ବକ୍ରେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ଓ ବାଲିଅନ୍ତା ଏବଂ ବାଲିପାଟଣା ଥାନା ଅଞ୍ଚଳର ଜଣେ ମୁରବୀ, ମୋର ପୂଜ୍ୟ ଶିକ୍ଷାଗୁରୁ ସ୍ୱର୍ଗତ ଚିନ୍ତାମଣି ଜେନା । ତାଙ୍କର ପ୍ରତିଟି କଥାକୁ ସେତେବେଳର ଲୋକମାନେ ସହଜରେ ବିଶ୍ୱାସକୁ ନେଉଥିଲେ । ଆଜିର ବିଜ୍ଞାନ ବହୁତ ଆଗେଇଛି ବୋଲି କେହି ଯଦି ଯୁକ୍ତି କରିଥାନ୍ତି ତେବେ ବିଶ୍ୱ ବିସ୍ମୟର ପ୍ରତିଟି ଅଦୃଶ୍ୟ ତଥ୍ୟ ବିଜ୍ଞାନର ବଳୟକୁ ଏପର୍ଯ୍ୟନ୍ତ ଆସିପାରି ନାହିଁ ବୋଲି ନିଶ୍ଚିତ ମାନି ନେବାକୁ ହେବ । ଯେଉଁ ନୀଳାଭତନୁରେ ମାଳ ମାଳ ବ୍ରହ୍ମାଣ୍ଡ ତାଙ୍କର ପ୍ରତିଟି ଲୋମକୂପରେ ଘୂର୍ଣ୍ଣାୟମାନ । ସେହି ମହାଶକ୍ତିର ଅନନ୍ତ ଲୀଳାକୁ ନତମସ୍ତକରେ ପ୍ରଣାମ କରି ନିଜର ଅସହାୟତାକୁ ପ୍ରକଟ କରିବା ବ୍ୟତୀତ ଆଉ କିଛି କହି ହୁଏ ନାହିଁ । ଠିକ୍ ସେହିପରି ଦିନେ ମହାଭାରତ ଯୁଦ୍ଧକ୍ଷେତ୍ରରେ ମହାଧନୁର୍ଦ୍ଧାରୀ ଅର୍ଜୁନ ନିଜେ ତଥା ନିଜର ସମସ୍ତ ଅହଂକାରକୁ ଯୋଡ଼ହସ୍ତରେ ସେହି ମହାକାଳଙ୍କ ନିକଟରେ ସମର୍ପଣ କରିଦେଇଥିଲେ ।

ଆଜି ମୋର ସେହି ପୂଜ୍ୟ ଗୁରୁଦେବ ଆଉ ଇହଜଗତରେ ନାହାନ୍ତି । ମାତ୍ର ତାଙ୍କର ସେହି ଅଲିଭା ସ୍ମୃତିର କାହାଣୀ ଯାହା କିଛି ମନେ ଅଛି ତାହା ପାଠକଙ୍କ ସମ୍ମୁଖରେ ଉପସ୍ଥାପନା କରୁଛି । କାହାଣୀଟି କାହାର ବିଶ୍ୱାସର ବଳୟକୁ ଆସୁ ବା ନଆସୁ ତାହା ଅଲଗା କଥା । ମାତ୍ର ଅନ୍ୟ ଏକ ସୂକ୍ଷ୍ମ ଜଗତର ସ୍ଥିତି ରହିଛି ଯାହାକୁ ଅସ୍ୱୀକାର କରିହେବ ନାହିଁ ।

# ମର୍ଯ୍ୟାଦାର ଅଧିକାର - ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଦୀର୍ଘ ୧୩ବର୍ଷ ଧରି କୋମାରେ ଥିବା ହରୀଶ ରାଣା ନାମକ ଜଣେ ୩୨ବର୍ଷ ବୟସ୍କ ଯୁବକଙ୍କୁ ସୁପ୍ରିମକୋର୍ଟଙ୍କ ମର୍ଯ୍ୟାଦା ସହକାରେ ନିଷ୍କ୍ରିୟ ଉଚ୍ଛା ମୃତ୍ୟୁ ଅନୁମତି ପ୍ରଦାନ ନିଷ୍ପତ୍ତି ଭାରତୀୟ ପରିବର୍ତ୍ତନଶୀଳ ବା ବିକାଶଶୀଳ ଆଇନ ଶାସ୍ତ୍ର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ । କୃତ୍ରିମ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ଅନୁମତି ନେଇ ସୁପ୍ରିମକୋର୍ଟଙ୍କ ରୁଲିଂ ହେଉଛି ପୂର୍ବରୁ ଅଦାଲତ ସ୍ଥିର କରିଥିବା ମାର୍ଗଦର୍ଶୀକାର ପ୍ରଥମ ବାସ୍ତବ କାର୍ଯ୍ୟକାରିତା । ଉଲ୍ଲେଖଯୋଗ୍ୟ ଯେ, ସେବିକା ଅରୁଣା ଶାନବାଗ ମାମଲାରେ ଯେ କି ଦୀର୍ଘ ୪୦ବର୍ଷ ଧରି ହସ୍‌ପିଟାଲରେ ଚଳିତ ଶକ୍ତିହୀନ ଭାବେ ମୁମ୍ବାଇର କେଇଏମ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସୁପ୍ରିମକୋର୍ଟ ୨୦୧୮ ମସିହାରେ ମର୍ଯ୍ୟଦା ସହକାରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ (ପାସିଭ୍ ୟୁଥାନାସିଆ) ପାଇଁ ଆଇନଗତ ମାର୍ଗଦର୍ଶିକା ଜାରି କରିଥିଲେ । ଏହି ଯେଉଁ ରୋଗୀ କେବଳ କୃତ୍ରିମ ଜୀବନ ରକ୍ଷାକାରୀ ଡାକ୍ତରୀ ଚିକିତ୍ସାରେ ବଂଚି ରହିଥାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି ଆଶା ଆଦୌ ନଥାଏ, ରୋଗୀଙ୍କ ପରିବାରବର୍ଗଙ୍କ ସମ୍ମୁଖୀନ ହେଉଥିବା ଯନ୍ତ୍ରଣାଦାୟକ ତ୍ରିଶଙ୍କୁ ଅବସ୍ଥାକୁ ହୃଦୟଙ୍ଗମ କରି ନିଷ୍କ୍ରିୟ ଉଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟ ଜାରି କରିଥିବା ମାର୍ଗଦର୍ଶିକା ଏବେ ଦୀର୍ଘ ଆଠ ବର୍ଷ ପରେ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେବେ ଚିକିତ୍ସା ଶାସ୍ତ୍ର ଦ୍ୱାରା ରୋଗୀଙ୍କର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହେବାର ସମ୍ଭାବନା ନଥିବା ନେଇ ଡାକ୍ତରୀ ବୋର୍ଡର ସୁପାରିଶ ପରେ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ କାର୍ଯ୍ୟକାରୀ ହେବ, ଯେପରିକି ରୋଗୀ କୌଣସି କଷ୍ଟ ଅନୁଭବ କରିବେ ନାହିଁ । ଏହା ହେଉଛି ମାର୍ଗଦର୍ଶିକାର ବିଶେଷତ୍ୱ । ଏହା ନିସନ୍ଦେହ ଯେ, ଅଦାଲତଙ୍କ ଅନୁମୋଦନ ଏକ କ୍ରୁର ସତ୍ୟକୁ ସ୍ୱୀକୃତି ଦେଇଛି, ତାହା ହେଉଛି ମର୍ଯ୍ୟାଦାଜନକ ମୃତ୍ୟୁରେ ଜୀବନର ମର୍ଯ୍ୟାଦା ସଂପ୍ରସାରିତ ହେବା ଜରୁରୀ । ଅର୍ଥାତ ରୋଗୀଙ୍କ ମର୍ଯ୍ୟାଦାଜନକ ମୃତ୍ୟୁ ପାଇଁ ରୋଗୀଙ୍କ ଠାରୁ ଧୀରେ ଧୀରେ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ହେବ, ଯେପରିକି ତାଙ୍କୁ କଷ୍ଟ ହେବନାହିଁ । ମର୍ଯ୍ୟାଦାଜନକ ମୃତ୍ୟୁ ଅଧିକାରକୁ ସମ୍ବିଧାନର ୨୧ଧାରାରେ ମୌଳିକ ଅଧିକାର ଭାବେ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି । ଇଚ୍ଛା ମୃତ୍ୟୁକୁ ମୌଳିକ ଅଧିକାରର ମାନ୍ୟତା ଦେବା ଲାଗି ସ୍ୱେଚ୍ଛାସେବୀ ସଂଗଠନ କମନ୍ କଜ ବହୁ ପୂର୍ବରୁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାୟର କରିଥିଲା । ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ରାୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସମ୍ମାନର ସହ ମୃତ୍ୟୁ । ଏଥିଲାଗି ରାଣାଙ୍କ ଶରୀରରୁ କୃତ୍ରିମ ଜୀବନରକ୍ଷାକାରୀ ଯନ୍ତ୍ରାଂଶ ପର୍ଯ୍ୟାୟକ୍ରମେ କାଢ଼ିବା ସମୟରେ ଯେପରି ତାଙ୍କୁ କଷ୍ଟ ନହୁଏ, ସେ ଆଶ୍ୱସ୍ତିକର ଅନୁଭବ ନକରନ୍ତି, ସେଥିପ୍ରତି ଯଥେଷ୍ଟ ଯତ୍ନବାନ ହେବାକୁ ସର୍ବୋଚ୍ଚ ଅଦାଲତ ଡାକ୍ତରୀ ଦଳକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ପ୍ରକାଶ ଯୋଗ୍ୟ ଯେ, ୨୦୧୦ ମସିହାରେ ଇଂଜିନିୟରି ଛାତ୍ର ହରିଶ ରାଣା ଚାରି ମହଲାରୁ ଖସିପଡି ଗୁରୁତର ମସ୍ତିଷ୍କ ଆଘାତର ଶିକାର ହୋଇ କୋମାକୁ ଚାଲିଯାଇଥିଲେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ହେଲା ସେ ନିସ୍ତେଜ ଅବସ୍ଥାରେ ରହିଛନ୍ତି । ତାଙ୍କର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଅଚଳ ହୋଇଛି । ଜୀବନ ରକ୍ଷାକାରୀ ଯନ୍ତ୍ର ସାହାଯ୍ୟରେ କେବଳ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ଚାଲିଛି । ତାଙ୍କର ଚିକିତ୍ସା ଲାଗି ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆକୁଳ ଆବେଦନ କରିଥିଲେ । ଶୁଣାଣୀରେ ଦୀର୍ଘ ୩ବର୍ଷ ବିତିଯାଇଥିଲେ ମଧ୍ୟ ଶେଷରେ ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁ ପ୍ରଦାନକୁ ଅନୁମତି ପ୍ରଦାନ କରିଛନ୍ତି । ଯାହାକି ଦେଶରେ ପ୍ରଥମ ଘଟଣା । କହିବା ଯଥାର୍ଥ ହେବ ଯେ, ଶେଷରେ ଭାରତ ଇଚ୍ଛାମୃତ୍ୟୁ (ୟୁଥାନାସିଆ)ରେ ପ୍ରବେଶ କରିଛି । ଇଚ୍ଛାମୃତ୍ୟୁ ଦୁଇ ପ୍ରକାରର ସକ୍ରିୟ ଇଚ୍ଛାମୃତ୍ୟୁ ଏବଂ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ । ଆମ ସକ୍ରୀୟ ଇଚ୍ଛାମୃତ୍ୟୁରେ ରୋଗୀଙ୍କୁ ମାରାତ୍ମକ ଇଂଜେକସନ କିମ୍ବା ଔଷଧ ପ୍ରଦାନ ଫଳରେ ତୁରନ୍ତ ମୃତ୍ୟୁ ଘଟେ । ପ୍ରକାଶ ଥାଉ କି ଆମଦେଶରେ ସକ୍ରୀୟ ଇଚ୍ଛାମୃତ୍ୟୁ ନିଷିଦ୍ଧ । କିନ୍ତୁ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁରେ ରୋଗୀଙ୍କୁ ବଂଚାଇ ରଖିବା ପାଇଁ ବ୍ୟବହାର କରାଯାଇଥିବା ଜୀବନ ରକ୍ଷାକାରୀ ବ୍ୟବସ୍ଥାକୁ ଧୀରେ ଧୀରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ଫଳରେ ତାର ମୃତ୍ୟୁ ଘଟିଥାଏ । ଏହା ସତ୍ୟ ଯେ, ଆମଦେଶରେ ମର୍ଯ୍ୟଦାର ସହ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ'କୁ ସର୍ବୋଚ୍ଚ ଅଦାଲତ କେବଳ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ ଦେଶରେ ବିଧିବଦ୍ଧ ଭାବେ ଏ ନେଇ କୌଣସି ଆଇନ ନାହିଁ କିମ୍ବା ପାର୍ଲିଆମେଂଟ କୌଣସି ଆଇନ ପ୍ରଣୟନ କରିନାହିଁ । ବିଶ୍ୱର ବହୁ ରାଷ୍ଟ୍ର ଇଚ୍ଛା ମୃତ୍ୟୁକୁ ଆଇନ ସମ୍ମାନ କରିଛନ୍ତି । ଜଣେ ରୋଗୀର ସ୍ୱାସ୍ଥ୍ୟରେ ଉନ୍ନତି ନେଇ ଆଶାଶୂନ୍ୟ ହୋଇ ମର୍ଯ୍ୟାଦାର ସହ ଇଚ୍ଛାମୃତ୍ୟୁ ଚାହିଁଲେ କେବଳ କଠୋର ସର୍ତ୍ତ ମଧ୍ୟରେ ଇଚ୍ଛାମୃତ୍ୟୁ ଦିଆଯିବାର ବ୍ୟବସ୍ଥା ରହିଛି । ବେଲଜିୟମ, ନେଦରଲ୍ୟାଣ୍ଡ, ଲଗଜେମ୍ବର୍ଗ, ସ୍ପେନ, କଲମ୍ବିଆ, କାନାଡା ଏବଂ ଅଷ୍ଟ୍ରେଲିଆର ୬ଟି ରାଜ୍ୟରେ ଉଭୟ ସକ୍ରୀୟ ଓ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ନିମନ୍ତେ ଆଇନଗତ ବ୍ୟବସ୍ଥା ରହିଛି । ତେବେ ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ଗୁଡିକୁ ସ୍ୱୀକୃତି ଦେବା ଲାଗି ପାର୍ଲିଆମେଣ୍ଟ ଆଇନ ପ୍ରଣୟନ କରିବା ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି ଏଥିରେ ସନ୍ଦେହ ନାହିଁ ।

# ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ଦିବସ :ସୁସ୍ଥ ମୁଖ, ସୁଖୀ ଜୀବନ



ଡାକ୍ତର ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍
ପୁରୀ ଟାଉନ୍, ମୋବାଇଲ ନଂ-
୯୨୩୪୬୬୭୫୪୬

ବିଶ୍ୱ ମୁଖ ସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଏକ ଅଂଶ ଭାବରେ, ପ୍ରତିବର୍ଷ ମାର୍ଚ୍ଚ ୨୦ତାରିଖରେ FDIୱାର୍ଲ୍ଡ ଡେଣ୍ଟାଲ୍ ଫେଡେରେସନ୍ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସକୁ ସୁସ୍ଥ ଦାନ୍ତ ଏବଂ ମାଢ଼ି ବଜାୟ ରଖିବାର ଗୁରୁତ୍ୱକୁ ସ୍ମରଣ କରାଇବା ପାଇଁ ଏବଂ ପାଟିର ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ପାଳନ କରାଯାଏ, ଏହି ଦିବସକୁ ମୁଖ ସ୍ୱାସ୍ଥ୍ୟ ସୂଚକଗୁଡ଼ିକୁ ପ୍ରତିଫଳିତ କରିବା ପାଇଁ ବାଛି ନିଆଯାଇଥିଲା - ସୁସ୍ଥ ବୟସ୍କଙ୍କ ଜୀବନର ଶେଷ ଭାଗରେ ୨୦ ଟି ପ୍ରାକୃତିକ ଦାନ୍ତ ରହିବା ଉଚିତ ଏବଂ ପିଲାମାନଙ୍କ ପାଇଁ ୨୦ ଟି ଶିଶୁ ଦାନ୍ତ ରହିବା ଉଚିତ । ୨୦୨୬ ମସିହାରେ ଏହି ଦିବସର ବିଷୟବସ୍ତୁ ହେଉଛି: "A Happy Mouth is a Happy Life" (ଏକ ସୁସ୍ଥ ପାଟି ହେଉଛି ଏକ ସୁଖୀ ଜୀବନ), ଯାହା ଆଲୋକିତ କରେ ଯେ ଭଲ ମୁଖ ସ୍ୱାସ୍ଥ୍ୟ ପ୍ରତ୍ୟେକ ବୟସରେ ସାମଗ୍ରିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ଜୀବନର ଗୁଣବତ୍ତା ପାଇଁ ମୌଳିକ । ମୁଖଗହ୍ୱର ସ୍ୱାସ୍ଥ୍ୟ ସମସ୍ତ ଶରୀରର ସ୍ୱାସ୍ଥ୍ୟର ପ୍ରତିବିମ୍ବ । ବିଶ୍ୱ ସ୍ତରରେ ୩.୫ ବିଲିୟନ ଲୋକ ପ୍ରଭାବିତ ହେଉଥିବାରୁ, ମୁଖ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦେବା, ଦୀର୍ଘକାଳୀନ ରୋଗକୁ ରୋକିଥାଏ, ଆତ୍ମବିଶ୍ୱାସକୁ ବୃଦ୍ଧି କରିଥାଏ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିଥାଏ । ସୁସ୍ଥ ହସ ବଜାୟ ରଖିବା ପାଇଁ ମୁଖ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ଏବଂ ସୁସ୍ଥ ଜୀବନଶୈଳୀ ପସନ୍ଦର ମିଶ୍ରଣ ଜଡିତ । ଏକଉଜ୍ଜ୍ୱଳ ଏବଂ ସୁସ୍ଥ ହସ କେବଳ ସୌନ୍ଦର୍ଯ୍ୟରଏକ ଲକ୍ଷଣ ନୁହେଁ; ମୌଖିକ ସ୍ୱାସ୍ଥ୍ୟ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଅବିଚ୍ଛେଦ୍ୟ, ଏବଂ ଆମେ ମୌଖିକ ସ୍ୱାସ୍ଥ୍ୟ ବିନା ସୁସ୍ଥ ରହିପାରିବୁ ନାହିଁ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖରାପ ମୁଖ ସ୍ୱାସ୍ଥ୍ୟ ହୃଦରୋଗ, ଷ୍ଟ୍ରୋକ, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡିତ । ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସରେ, ଆସନ୍ତୁ ଆମର ହସକୁ ପ୍ରାଥମିକତା ଦେବାକୁ ପ୍ରତିଜ୍ଞା କରିବା ଏବଂ ସୁସ୍ଥ ଦାନ୍ତ ତଥା ମାଢ଼ିର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା । ଭଲ ମୁଖ ପରିଷ୍କାର ପରିଚ୍ଛନ୍ନତା ମଧୁମେହ, ହୃଦ ସମସ୍ୟା ଏବଂ ମାନସିକ ସୁସ୍ଥତାକୁ ମଧ୍ୟ ପ୍ରଭାବିତ କରିପାରେ ! ଏକ ସୁସ୍ଥ ହସ କେବଳ ଶାରୀରିକ ପରିବର୍ତ୍ତନ ଆଣେ ନାହିଁ ବରଂ ଭାବପ୍ରବଣ ସ୍ୱାସ୍ଥ୍ୟରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆଣେ । ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଆପଣଙ୍କ ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା ।ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲଭାବରେ ମୁଖ ପରିଷ୍କାର ଅଭ୍ୟାସ କରନ୍ତୁ ।

ପ୍ରତ୍ୟେକ ଖାଦ୍ୟ ପରେ ଆପଣଙ୍କ ଦାନ୍ତ ଘଷନ୍ତୁ, ଯଦି ସମ୍ଭବ ନୁହେଁ ତେବେ ଦିନକୁ ଅତି କମରେ ଦୁଇଥର (ସକାଳେ ଏବଂ ରାତିରେଶୋଇବା ପୂର୍ବରୁ) ଫ୍ଲୋରାଇଡ୍ ଟୁଥପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦୁଇ ମିନିଟ୍ ପାଇଁ ଦାନ୍ତ ଘଷନ୍ତୁ , ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଦୂର ହୋଇପାରିବ ।

ମାଢ଼ି ତଳୁ ଏବଂ ଦାନ୍ତ ମଧ୍ୟରେ ପ୍ଲାକ୍ ଏବଂ ଖାଦ୍ୟ ପଦାର୍ଥ ବାହାର କରିବା ପାଇଁ ପ୍ରତିଦିନ ଆପଣଙ୍କ ଦାନ୍ତ ଫ୍ଲସ୍ କରନ୍ତୁ । ଦାନ୍ତ ଘଷିବା ଏବଂ ଫ୍ଲସ୍ କରିବା ପରେ ଛାଡିଯାଇଥିବା ଖାଦ୍ୟ କଣିକାଗୁଡ଼ିକୁ ବାହାର କରିବା ପାଇଁ ମାଉଥୱାସ୍ ବ୍ୟବହାର କରନ୍ତୁ । ଜିଭକୁ ବ୍ରଶ କରନ୍ତୁକାରଣ ମୁଖ ଗହ୍ୱରରେ ଥିବା ସମସ୍ତ ଜୀବାଣୁର ଦୁଇ ତୃତୀୟାଂଶ ଜିଭ ସହିତ ସଂଲଗ୍ନ ଥାଏ ଏବଂ ମାଢିକୁ ଆଙ୍ଗୁଠି ସାହାଯ୍ୟରେ ମାଲିସ କରନ୍ତୁ , ଯାହା ମାଢ଼ିର ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ । ପ୍ରତି ତିନି ମାସ କିମ୍ବା ତା'ପୂର୍ବରୁ ଆପଣଙ୍କ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରସ୍‌ର ବ୍ରିଷ୍ଟଲ୍ ନଷ୍ଟ ହୋଇଯାଏ, କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ, ଅଥବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟଆପଣଙ୍କ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ, କାରଣ ବ୍ରସ୍‌ର ବ୍ରିଷ୍ଟଲ୍ସ ଜୀବାଣୁ ସଂଗ୍ରହ କରିପାରେ ଯାହା ପୁନଃ ସଂକ୍ରମଣର କାରଣ ହୋଇପାରେ ।

ପାଟି ଶୁଷ୍କ ନ ହେବାପାଇଁ ପ୍ରଚୁର ପାଣି ପିଅନ୍ତୁ ।

ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହିତ ଭିଟାମିନ୍ ଇ, ଉ, ଡ଼, କ୍ୟାଲସିୟମ ଓ ଫସଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ ଏବଂ ଅଧିକମିଠା ଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ । ଖାଦ୍ୟ ମଧ୍ୟରେ ମିଠା କିମ୍ବା ଚିକ୍କଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ନିୟମିତ ଦନ୍ତ ଯାଞ୍ଚ ,ସଫା କରିବା ପାଇଂ ଏବଂ ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ନିୟମିତ ଭାବରେ ପ୍ରତି ଛଅ ମାସରେ ଆପଣଙ୍କ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହିତ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ । ମୁଖ କର୍କଟ, ମାଢି ରୋଗ ଏବଂ ଦାନ୍ତ କ୍ଷତିର ବିପଦ ହ୍ରାସ କରିବା ପାଇଁ ବିଭିନ୍ନ ତମାଖୁ ସମ୍ବନ୍ଧୀୟ ବ୍ୟବହାର ବର୍ଜନ କରିବା ସହିତ ମଦ୍ୟପାନକୁ ନିରୁତ୍ସାହିତ କରନ୍ତୁ । ଆସନ୍ତୁ 'ସୁସ୍ଥ ମୁଖ, ସୁଖୀ ଜୀବନ' କୁ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହାକୁ ଏକ ଆନ୍ଦୋଳନ କରିବା । ଏହା ଆପଣଙ୍କ ଦୀର୍ଘାୟୁ ଏବଂ ଦୀର୍ଘକାଳୀନ ସ୍ୱାସ୍ଥ୍ୟର ଏକ ବିନିଯୋଗ । ପ୍ରତିରୋଧକ ଯତ୍ନ ଆପଣଙ୍କ ମୁଖ ଏବଂ ଶରୀରକୁ ଖୁସି ରଖିବାର ସବୁଠାରୁ ପ୍ରଭାବଶାଳୀ ଉପାୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ନଡ଼ିଆ ପାଣି ନା ଗ୍ଲୁକୋଜ୍, କେଉଁ ପାନୀୟ ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ ?



ଗ୍ରୀଷ୍ମ ଋତୁରେ ଝାଳ ମାଧ୍ୟମରେ ଶରୀରରୁ ପାଣି ବାହାରିଯାଏ, ଯାହା ଶରୀରକୁ ଡିହାଇଡ୍ରେଟ୍ କରେ । ତେଣୁ, ଗରମ ଷ୍ଟ୍ରୋକ୍‌ରୁ ରକ୍ଷା ପାଇବା ପାଇଁ ଏବଂ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପାଣି ପିଇବା ଅତ୍ୟନ୍ତ ଜରୁରୀ । ଡିହାଇଡ୍ରେସନ୍ ଯୋଗୁଁ ମୁଣ୍ଡ ବୁଲାଇବା ମଧ୍ୟ ହୋଇପାରେ । ଏହାକୁ ଏଡ଼ାଇବା ପାଇଁ ଲୋକମାନେ ନଡ଼ିଆ ପାଣି ଠାରୁ ଆରମ୍ଭ କରି ଗ୍ଲୁକୋଜ୍ ପର୍ଯ୍ୟନ୍ତ ସବୁକିଛି ସେବନ କରନ୍ତି । କିନ୍ତୁ ଲୋକଙ୍କ ମନରେ ସବୁବେଳେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ ଯେ କେଉଁ ପାନୀୟ ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ । ହାଇଡ୍ରେସନ୍‌ର ଉତ୍ତମ ସ୍ରୋତ : ନଡ଼ିଆ ପାଣିରେ ଇଲେକ୍ଟ୍ରୋଲାଇଟ୍ସ ପରି ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ସୋଡିୟମ୍ ଭରପୂର ରହିଛି । ଏହା ଡିହାଇଡ୍ରେସନ୍ ପୂରଣ କରିବାରେ ସାଦା ପାଣି ଅପେକ୍ଷା ଆହୁରି ପ୍ରଭାବଶାଳୀ, ବିଶେଷକରି ବ୍ୟାୟାମ ପରେ କିମ୍ବା ଗ୍ରୀଷ୍ମ ପ୍ରବାହ ସମୟରେ । ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ : ଏଥିରେ ଥିବା ପୋଟାସିୟମ ପରିମାଣ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ନିୟମିତ ସେବନ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରେ, ଯାହା ହୃଦରୋଗର ଆଶଙ୍କା କମ୍ କରିଥାଏ । ଓଜନ ହ୍ରାସରେ ସାହାଯ୍ୟ କରେ : ଯଦି ଆପଣ ମିଠା ଜୁସ୍ କିମ୍ବା ସୋଡ଼ାର ପ୍ରଶଂସକ, ତେବେ ନଡ଼ିଆ ପାଣି ଏକ ଉତ୍ତମ ବିକଳ୍ପ । ଏଥିରେ କ୍ୟାଲୋରି ବହୁତ କମ୍ । ଏହା ଆପଣଙ୍କ ମେଟାବୋଲିଜିମ୍ ତ୍ୱରାନ୍ୱିତ କରେ ଏବଂ ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ଅନୁଭବ କରାଏ । ଚମକଦାର ତ୍ୱଚା ଏବଂ କେଶ : ନଡ଼ିଆ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ । ନଡ଼ିଆ ପାଣିରେ ଥିବା ସାଇଟୋକିନିନ୍ ତ୍ୱଚାକୁ ଯବାନ ରଖିବାରେ ସାହାଯ୍ୟ କରେ । ଏହାକୁ ମୁହଁରେ ଲଗାଇବା ଦ୍ୱାରା ବ୍ରଣ ଏବଂ ଦାଗ କମ ହୋଇଥାଏ ।

ଗ୍ଲୁକୋଜର ସବୁଠାରୁ ବଡ଼ ଫାଇଦା ହେଉଛି ଏହାକୁ ହଜମ କରିବାକୁ ପଡ଼ିନଥାଏ । ଏହା ସିଧାସଳଖ ରକ୍ତ ପ୍ରବାହରେ ଶୋଷିତ ହୋଇ ଶରୀରର କୋଷଗୁଡ଼ିକୁ ତୁରନ୍ତ ଶକ୍ତି ଯୋଗାଇଥାଏ । ଏହି କାରଣରୁ ଯେତେବେଳେ ଆପଣ କ୍ଲାନ୍ତ କିମ୍ବା ଦୁର୍ବଳ ଅନୁଭବ କରନ୍ତି ସେତେବେଳେ ଗ୍ଲୁକୋଜ ପିଇବାକୁ ପରାମର୍ଶ ଦିଆଯାଏ । ମସ୍ତିଷ୍କ ପାଇଁ ଇନ୍ଧନ : ମସ୍ତିଷ୍କ ଆମ ଶରୀରର ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବ୍ୟବହାର କରେ, ଏବଂ ଗ୍ଲୁକୋଜ୍ ଏହାର ଶକ୍ତିର ପ୍ରାଥମିକ ଉତ୍ସ । ପର୍ଯ୍ୟାପ୍ତ ଗ୍ଲୁକୋଜ୍ ସେବନ ଏକାଗ୍ରତାକୁ ଉନ୍ନତ କରେ ଏବଂ ମାନସିକ ଥକ୍କାପଣକୁ ହ୍ରାସ କରେ । ଶରୀରର ତାପମାତ୍ରା ନିୟନ୍ତ୍ରଣ : ଅତ୍ୟଧିକ ଗରମରେ, ଶରୀର ଝାଳ ମାଧ୍ୟମରେ ଶକ୍ତି ଏବଂ ପାଣି ହରାଇଥାଏ । ଗ୍ଲୁକୋଜ୍ କେବଳ ଶକ୍ତି ପ୍ରଦାନ କରେ ନାହିଁ ବରଂ ଶରୀରକୁ ହାଇଡ୍ରେଟ୍ ଏବଂ ତାପମାତ୍ରା ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ । ପନିର ନା ଟଫୁ...କେଉଁଥିରେ ରହିଛି ଅଧିକ ପ୍ରୋଟିନ୍ ? ଓଜନ କମାଇବାକୁ କେଉଁଟି ସର୍ବୋତ୍ତମ ଯଦି ଆପଣ ଦୁର୍ବଳ ଅନୁଭବ କରୁଛନ୍ତି ଏବଂ ତୁରନ୍ତ ଶକ୍ତି ଆବଶ୍ୟକ କରୁଛନ୍ତି, ତେବେ ଆପଣ ଗ୍ଲୁକୋଜ୍ ସେବନ କରିପାରିବେ । ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ନଡ଼ିଆ ପାଣି ଲାଭଦାୟକ କାରଣ ଏହା କେବଳ ଆପଣଙ୍କୁ ହାଇଡ୍ରେଟ୍ କରେ ନାହିଁ ବରଂ ଶରୀରରେ ଖଣିଜ ପଦାର୍ଥକୁ ମଧ୍ୟ ପୂରଣ କରେ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ସତେଜ ଅନୁଭବ କରାଇଥାଏ ।

# ତୁଳସୀ ମାଟିର ରଙ୍ଗ କହିବ ଗ୍ରହଦୋଷ, ଜାଣନ୍ତୁ କ'ଣ କୁହେ ଜ୍ୟୋତିଷ ଶାସ୍ତ୍ର



ହିନ୍ଦୁ ଧର୍ମ ଅନୁସାରେ, ତୁଳସୀ କେବଳ ଏକ ଗଛ ନୁହେଁ, ତୁଳସୀ ଦେବୀ, ପୂଜ୍ୟା । ଘରର ସୁଖ, ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ । ପ୍ରତ୍ୟେକ ହିନ୍ଦୁ ପରିବାରର ଘର ସମ୍ମୁଖରେ ତୁଳସୀ ଚଉରାଟିଏ ଦେଖିବାକୁ ମିଳେ । ଏହି ତୁଳସୀ ଗଛକୁ ନେଇ ଏକ ପ୍ରଶ୍ନ ଉଠେ ତୁଳସୀ ଗଛ ଚଉରା ମାଟିର ରଙ୍ଗ ପରିବର୍ତ୍ତନ କାହିଁକି ହୋଇଯାଏ ? ଏହାର ରଙ୍ଗ ବାଦାମୀରୁ ଲାଲ ନଚେତ୍ ହଳଦିଆ ହୋଇଯାଏ । ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ ତୁଳସୀ ମାଟିରେ ପୁଷ୍ଟି ଅଭାବ ହୁଏ କିମ୍ବା ଜଳବାୟୁର ପ୍ରଭାବକୁ ଦାୟୀ କରାଯାଇପାରେ । କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତୁଳସୀ ମାଟିର ରଙ୍ଗ ପରିବର୍ତ୍ତନ ଗଭୀର ମହତ୍ତ୍ୱ ରଖେ ଏବଂ ମାଟିର ପରିବର୍ତ୍ତିତ ରଙ୍ଗ ସହିତ ଗ୍ରହର ସମ୍ପର୍କ ରହିଛି । ତୁଳସୀ ପାତ୍ରରେ ଥିବା ମାଟି ଯଦି ଲାଲ ହୋଇଯାଏ ତେବେ ଏହା ମଙ୍ଗଳର ପ୍ରଭାବକୁ ସୂଚିତ କରେ । ମଙ୍ଗଳକୁ ଅଗ୍ନି ଏବଂ କ୍ରୋଧର କାରକ ଭାବରେ ବିବେଚନା କରାଯାଏ । ଏହି ଲାଲ ମାଟି ସୂଚାଇଥାଏ କି ପରିବାରର କୌଣସି ସଦସ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହା ମଧ୍ୟ ପିତୃ ଦୋଷ କିମ୍ବା ଭୂମି ଦୋଷକୁ ସୂଚାଇଥାଏ । ଏପରି ସମୟରେ, ଜମିବାଡ଼ି ସମ୍ବନ୍ଧୀୟ ବିବାଦ କିମ୍ବା ମତଭେଦ ବଢ଼ିବାର ସମ୍ଭାବନା ରହିଛି । ଚଉରା ବା ପାତ୍ରକୁ ପ୍ରତିଦିନ ସଫା ରଖିବା ଏବଂ ନିୟମିତ ଭାବରେ ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ନକାରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ । ହଳଦିଆ ରଙ୍ଗର ମାଟି ବୃହସ୍ପତି ଗ୍ରହ ସହ ଜଡ଼ିତ । ବୃହସ୍ପତି ଘରେ ସୁଖ, ସୌଭାଗ୍ୟ ଏବଂ ଜ୍ଞାନ ଆଣିଥାଏ । ହଳଦିଆ ମାଟି ସୂଚାଇଥାଏ ଯେ ଘରର ଶୁଭ କାର୍ଯ୍ୟରେ ବାଧାପ୍ରାପ୍ତ, ଆର୍ଥିକ ଅସୁବିଧା, ଅଧାର୍ମିକ ଶକ୍ତିର ଅଭାବ ଏବଂ ନକାରାତ୍ମକତାର ପ୍ରବେଶର ଆଶଙ୍କା ରହିଛି । ଏହି ସମୟରେ ଘରେ ଦାନ, ପୂଜା ଏବଂ ଧାର୍ମିକ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ୍ । ତୁଳସୀ ଗଛକୁ ସଫା ରଖିବା, ନିୟମିତ ପାଣି ଦେବା ଏବଂ ଏହାର ଚାରିପାଖରେ ସକାରାତ୍ମକ ପରିବେଶ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ । ତୁଳସୀ ଗଛ ସିଧାସଳଖ ବୁଧ ଗ୍ରହ ସହ ଜଡ଼ିତ । ବୁଧ ହେଉଛନ୍ତି ସବୁଜ, ବୁଦ୍ଧି ଏବଂ ବାଣୀର କାରକ । ତୁଳସୀ ମାଟିର ରଙ୍ଗ ବଦଳିଯିବା ବ୍ୟବସାୟ ,କ୍ୟାରିୟର କିମ୍ବା ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ । ଘରେ ସକାରାତ୍ମକ ଶକ୍ତିର ହ୍ରାସକୁ ସୂଚିତ କରିବା ସହ ନିଷ୍ପତ୍ତି ନେବାରେ ମଧ୍ୟ ବାଧା ସୃଷ୍ଟି କରିଥାଏ । ସପ୍ତାହରେ ଥରେ ହାଲୁକା ପାଣିରେ ମାଟି ଧୋଇ ଯଦି ସମ୍ଭବ ପୁରୁଣା ପତ୍ର କାଢ଼ି ଦିଅନ୍ତୁ । ତୁଳସୀ ପାତ୍ରକୁ ସଫା ରଖିବା ସହିତ ସଂଧ୍ୟାରେ ଘିଅ ଦୀପ ଜଳାନ୍ତୁ । ଯାହା ଦ୍ୱରା ସକାରାତ୍ମକ ଶକ୍ତି ବଜାୟ ରହିବ ।

# ତାରା ତାରିଣୀ ଯାତ୍ରା



ଚୈତ୍ରମାସ କେବଳ ମଧୁମାସ ନୁହେଁ, ଏହା ମଧ୍ୟ ମଙ୍ଗଳ ମାସ । ଏହି ମାସର ମଙ୍ଗଳବାରଗୁଡ଼ିକରେ ମା' ମଙ୍ଗଳାଙ୍କୁ ପୂଜା କରାଯାଏ । ସେ ଦୃଷ୍ଟିରୁ ଏହା ମଧ୍ୟ ମଙ୍ଗଳାଙ୍କ ମାସ । ତେବେ କେବଳ ଚୈ?ତ୍ର ମାସର ମଙ୍ଗଳବାରଗୁଡ଼ିକରେ ମା' ମଙ୍ଗଳାଙ୍କ ପୂଜା କରାଯାଏ ନାହିଁ, ଅନ୍ୟ ଦେବୀମାନଙ୍କୁ ମଧ୍ୟ ପୂଜା କରାଯାଏ । ଗଞ୍ଜାମ ଜିଲାର ତାରାତାରିଣୀ ଏହା ମଧ୍ୟରୁ ଅନ୍ୟତମ । ଏହା ତାରାତାରିଣୀ ଯାତ୍ରା ନାମରେ ପ୍ରସିଦ୍ଧ ।
ମଙ୍ଗଳା ଦେବୀ ଭାବରେ ଯେପରି ଦୁର୍ଗାଙ୍କର ସ୍ୱରୂପ, ସେହିପରି, ତାରା-ତାରିଣୀ ମଧ୍ୟ ତାଙ୍କର ସ୍ୱରୂପ । ଗଞ୍ଜାମ ଜିଲାର ପୂର୍ଣ୍ଣଗିରି ପର୍ବତର ଶୀର୍ଷରେ ସେ ପୂର୍ଣ୍ଣେଶ୍ୱରୀ ରୂପେ ପୂଜିତା ହୋଇଥାନ୍ତି । କିନ୍ତୁ ତାରାତାରିଣୀ ଗୋଟିଏ ଦେବୀ ନୁହନ୍ତି । ତାରା ଓ ତାରିଣୀ ନାମରେ ସେ ଦୁଇ ଦେବୀ । ଏ ସଂପର୍କିତ କାହାଣୀ ଓ କିଂବଦନ୍ତି ଅନୁସାରେ ସେ ଦୁହେଁ ଦୁଇ ଯାଆଁଳା ଭଉଣୀ । ମଙ୍ଗଳା ଦେବୀ ଭାବରେ ଯେପରି ଦୁର୍ଗାଙ୍କର ସ୍ୱରୂପ, ସେହିପରି, ତାରା-ତାରିଣୀ ମଧ୍ୟ ତାଙ୍କର ସ୍ୱରୂପ । ଗଞ୍ଜାମ ଜିଲାର ପୂର୍ଣ୍ଣଗିରି ପର୍ବତର ଶୀର୍ଷରେ ସେ ପୂର୍ଣ୍ଣେଶ୍ୱରୀ ରୂପେ ପୂଜିତା ହୋଇଥାନ୍ତି । ଏହି ଦୁଇ ଦେବୀ ବା ଦୁଇ ଭଗିନୀଙ୍କ କାହାଣୀ ବା କିଂବଦନ୍ତି ଦେବୀ ସତୀଙ୍କ ସହିତ ସଂପୃକ୍ତ । ଏହା ଅନୁସାରେ- ପତି ଶିବଙ୍କର ନିନ୍ଦା ଶୁଣି ପିତା ଦକ୍ଷଙ୍କ ଯଜ୍ଞରେ ସତୀ ଆତ୍ମାହୁତି ଦେଇଥିଲେ । ସେହି ଘଟଣାରେ ଶିବ କ୍ରୋଧିତ ହୋଇ ସତୀଙ୍କର ଶବକୁ କାନ୍ଧରେ ଧରି ତାଣ୍ଡବନୃତ୍ୟ କଲେ । ସେଥିରେ ତ୍ରିଲୋକ ଥରହର ହେଲା ଓ ଧ୍ୱଂସ ହେବାକୁ ବସିଲା । ଦେବଗଣ ସେଥିରେ ଆତଙ୍କିତ ହୋଇ ବିଷ୍ଣୁଙ୍କ ଶରଣ ପଶିଲେ । ବିଷ୍ଣୁ ତାଙ୍କର ସୁଦର୍ଶନଚକ୍ରରେ ସତୀଙ୍କର ଅଙ୍ଗଗୁଡ଼ିକୁ କ୍ରମାଗତ ଭାବରେ ଛେଦନ କରିଚାଲିଲେ । ବିଷ୍ଣୁଚକ୍ରରେ ଛେଦିତ ସେହି ଅଙ୍ଗର ୫୧ଟି ଖଣ୍ଡ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଗୋଟିଏ ?ଗୋଟିଏ ଶକ୍ତିପୀଠରେ ପରିଣତ ହେଲା । ଦେବୀ ସତୀଙ୍କର ପାଦ ପଡ଼ିଥିବାରୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଥିବା ବିମଳାଦେବୀଙ୍କ ପୀଠ ହେଲା ପାଦପୀଠ ଏବଂ ଦେବୀ ସତୀଙ୍କର ଦୁଇ ସ୍ତନ ପଡ଼ିଥିବାରୁ ତାରା-ତାରିଣୀ ହେଲା ସ୍ତନ ପୀଠ । ତାରା-ତାରିଣୀଙ୍କ ସଂପର୍କରେ ଆହୁରି ଅନେକ କାହାଣୀ ଓ କିଂବଦନ୍ତି ରହିଛି । ସେଥିରୁ ଗୋଟିଏ ହେଉଛି, ତାରା-ତାରିଣୀ ଥିଲେ ବ୍ରହ୍ମର୍ଷି ବଶିଷ୍ଠଙ୍କ ଇଷ୍ଟଦେବୀ । ଏକଦା ବଶିଷ୍ଠ ତାଙ୍କୁ ଆବାହନ କଲେ ମଧ୍ୟ ସେ ଉଦାସୀନା ରହିଲେ । ତେଣୁ ବଶିଷ୍ଠ ରୁଷ୍ଟ ହୋଇ ଅଭିଶାପ ଦେଲେ ଯେ ସେ ଅପୂଜା ରହିବେ । ଏହି ଦୁଇ ଦେବୀ ସେଥିପାଇଁ ଅନୁତପ୍ତ ହେବାରୁ ବଶିଷ୍ଠ ଶାନ୍ତ ହେଲେ । ସେ କହିଲେ- କଳିଯୁଗର ମଧ୍ୟଭାଗରେ ମୋର ଜ୍ୟେଷ୍ଠାଭଗ୍ନୀ ଋଷିକୁଲ୍ୟା ନଦୀତଟରେ, ମୋର ମାନସପୁତ୍ର ବସୁ ପ୍ରହରାଜଙ୍କ ଘରେ ତୁମ୍ଭେ କିଛି ଦିନ ଲାଳିତ ହେବ । ତାହା ପରେ ପର୍ବତର ଶୀର୍ଷରେ ଶିଳାରୂପେ ପୂଜା ପାଇବ । ସେହି ଅନୁସାରେ, ଋଷିକୁଲ୍ୟା ତଟବର୍ତ୍ତୀ ପୂର୍ଣ୍ଣଗିରି ପର୍ବତର ଶୀର୍ଷରେ ତାରା ଓ ତାରିଣୀ ଶିଳା ରୂପରେ ପୂଜିତା ହେଉଛନ୍ତି ।

# ପନିର ନା ଟଫୁ...କେଉଁଥିରେ ରହିଛି ଅଧିକ ପ୍ରୋଟିନ୍ ? ଓଜନ କମାଇବାକୁ କେଉଁଟି ସର୍ବୋତ୍ତମ

ଭାରତରେ ପ୍ରୋଟିନ୍ ଅଭାବ ଏକ ପ୍ରମୁଖ ସମସ୍ୟା ହେବାରେ ଲାଗିଛି । ଇଣ୍ଡିଆନ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟରର ଅନୁଯାୟୀ, ଦେଶର ପ୍ରାୟ ୭୦ ରୁ ୮୦ ପ୍ରତିଶତ ଜନସଂଖ୍ୟା ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଗ୍ରହଣ କରନ୍ତି ନାହିଁ । ଯେଉଁଥିପାଇଁ ନିରାମିଷ ଖାଦ୍ୟରେ ପ୍ରୋଟିନ୍ ଉତ୍ସ ବିଷୟରେ ପ୍ରାୟତଃ ଆଲୋଚନା ହୁଏ, ବିଶେଷକରି ପନିର ଏବଂ ଟୋଫୁକୁ ନେଇ । ଅନେକ ଲୋକ ଜାଣିବାକୁ ଚାହାଁନ୍ତି ଯେ ଯଦି ସେମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି ତେବେ ଦୁଇଟି ମଧ୍ୟରୁ କେଉଁଟି ସର୍ବୋତ୍ତମ ବିକଳ୍ପ ହେବ । ପ୍ରକୃତରେ, ଉଭୟ ପ୍ରୋଟିନରେ ଭରପୂର । ଯଦିଓ ସେମାନଙ୍କ ମଧ୍ୟରେ ଅନେକ ସମାନତା ରହିଛି, ତଥାପି କ୍ୟାଲୋରୀ, ଫ୍ୟାଟ୍, ପ୍ରୋଟିନର ଗୁଣବତ୍ତା ଏବଂ ଫିଟନେସ୍ ଲକ୍ଷ୍ୟ ଉପରେ ସେଗୁଡିକର ପ୍ରଭାବ ଦୃଷ୍ଟିରୁ ମଧ୍ୟ ଯଥେଷ୍ଟ ଭିନ୍ନ । ଯଦି ଆପଣ ଚର୍ବି ହ୍ରାସ କରିବାକୁ ଚାହୁଁଛନ୍ତି କିମ୍ବା ସୁସ୍ଥ ରହି କ୍ଲିନ୍ ଡାଇଟ୍ ଫଲୋ କରିବାକୁ ଚାହୁଁଛନ୍ତି ତେବେ ସଠିକ୍ ବିକଳ୍ପ ବାଛିବା ଆପଣଙ୍କ ପ୍ରଗତିକୁ ପ୍ରଭାବିତ କରିପାରେ । ଟୋଫୁ, ଯାହାକୁ ବିନ୍ କର୍ଡ ମଧ୍ୟ କୁହାଯାଏ । ଏହା ଦୀର୍ଘ ଦିନ ଧରି ପୂର୍ବ ଏସୀୟମାନଙ୍କର ମୁଖ୍ୟ ଖାଦ୍ୟ ହୋଇଆସିଛି । ଏହାକୁ ସୋୟା କ୍ଷୀରରେ ତିଆରି କରାଯାଏ । ଏହା ସମ୍ପୂର୍ଣ୍ଣ ପ୍ଲାଣ୍ଟ ବେସ୍ଡ, ଯାହା ଏହାକୁ ନିରାମିଷାଶୀମାନଙ୍କ ପାଇଁ ପ୍ରୋଟିନର ଏକ ଭଲ ଉତ୍ସ କରିଥାଏ । ଏଥିରେ ଚର୍ବି ଏବଂ କୋଲେଷ୍ଟ୍ରଲ୍ କମ୍ ଥାଏ । ସେହିପରି ପନିର ଭାରତୀୟ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ । ଏହାକୁ ଗରମ କ୍ଷୀରରେ ଲେମ୍ବୁ ରସ କିମ୍ବା ଭିନେଗାର ମିଶାଇ ତିଆରି କରାଯାଏ । ଏହାର ଉଚ୍ଚ ପ୍ରୋଟିନ୍ ପରିମାଣ ଏହାକୁ ଭାରତୀୟ ଖାଦ୍ୟରେ ଅତ୍ୟନ୍ତ ଲୋକପ୍ରିୟ କରିଥାଏ । ଭାରତୀୟ ଚିକିତ୍ସା ଗବେଷଣା କେନ୍ଦ୍ର ଏବଂ ଜାତୀୟ ପୁଷ୍ଟିସାର ପ୍ରତିଷ୍ଠାନ ଅନୁଯାୟୀ, ବୟସ୍କମାନଙ୍କୁ ପ୍ରତିଦିନ ନିଜ ଶରୀରର ଓଜନ ଅନୁଯାୟୀ ପ୍ରତି କିଲୋଗ୍ରାମ ପିଛା ପ୍ରାୟ ୦.୮ ରୁ ୧ ଗ୍ରାମ ପ୍ରୋଟିନ ଗ୍ରହଣ କରିବା ଉଚିତ । ପୁଷ୍ଟିକର ଦୃଷ୍ଟିରୁ, ୧୦୦ ଗ୍ରାମ ଟୋଫୁରେ ପ୍ରାୟ ୭୬ କ୍ୟାଲୋରୀ, ୮ ଗ୍ରାମ ପ୍ରୋଟିନ ଏବଂ ପ୍ରାୟ ୪.୮ ଗ୍ରାମ ଚର୍ବି ଥାଏ । ସେହିପରି, ୧୦୦ ଗ୍ରାମ ପନିରରେ ପ୍ରାୟ ୨୬୫ କ୍ୟାଲୋରୀ, ୧୮ ଗ୍ରାମ ପ୍ରୋଟିନ ଏବଂ ପ୍ରାୟ ୨୦ ଗ୍ରାମ ଚର୍ବି ଥାଏ । ଏହା ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଉଭୟର ନିଜସ୍ୱ ଲାଭ ଅଛି, ଏବଂ ସଠିକ୍ ବିକଳ୍ପ ଆପଣଙ୍କ ଫିଟନେସ୍ ଲକ୍ଷ୍ୟ ଉପରେ ନିର୍ଭର କରେ । ଟୋଫୁକୁ ଓଜନ ହ୍ରାସ ପାଇଁ ଅନେକ ପ୍ରକାରେ ଲାଭଦାୟକ ବୋଲି ବିବେଚନା କରାଯାଏ । ଏଥିରେ କ୍ୟାଲୋରୀ ଏବଂ ଫ୍ୟାଟ୍ ଉଭୟ କମ୍ ଥାଏ । ଟୋଫୁ ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ରହିଥାଏ ଅତ୍ୟଧିକ ଖାଇବାର ସମ୍ଭାବନା ହ୍ରାସ ପାଇଥାଏ । ଏଥିରେ ଭଲ ପରିମାଣର ଲୌହ ମଧ୍ୟ ଥାଏ, ଯାହା ଶକ୍ତି ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ବ୍ୟାୟାମ ସମୟରେ ଉତ୍ତମ କାର୍ଯ୍ୟଦକ୍ଷତାକୁ ପ୍ରୋତ୍ସାହିତ କରେ ।

# ନଦୀ-ବନ-ପର୍ବତ: ମାର୍କଣ୍ଡେୟ ସରୋବର




ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପ ଶ୍ରୀପୁରୁଷୋତ୍ତମକ୍ଷେତ୍ର । ଏହା ସର୍ବତୀର୍ଥ ମଧ୍ୟରେ ତୀର୍ଥରାଜ ଭାବରେ ପରିଗଣିତ । ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି- ''ସକଳ ତୀର୍ଥ ଘେନିକରି । ନୀଳ କନ୍ଦରେ ବିଜେ ହରି ।'' ଶଙ୍ଖାକୃତି ଏହି ତୀର୍ଥରେ ସକଳ ତୀର୍ଥର ସମାହାର ଘଟିଥିଲେ ମଧ୍ୟ, ମୁଖ୍ୟତଃ ପାଞ୍ଚଟି ତୀର୍ଥଙ୍କୁ ଶାସ୍ତ୍ରମାନଙ୍କରେ ପ୍ରାଧାନ୍ୟ ଦିଆଯାଇଛି । ସେମାନେ ହେଲେ- ମାର୍କଣ୍ଡେୟ ପୁଷ୍କରିଣୀ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ମହୋଦଧି । ତୀର୍ଥମାନଙ୍କୁ ଯେଉଁ ଚାରିଭାଗରେ ବିଭକ୍ତ କରାଯାଏ, ସେମାନଙ୍କ ମଧ୍ୟରୁ ଏହି ତୀର୍ଥଟି ଆର୍ଷତୀର୍ଥ ଭାବରେ ପରିଚିତ । କାରଣ, ଏହା ମୁନି ମାର୍କଣ୍ଡେୟଙ୍କ ଦ୍ୱାରା ପ୍ରସ୍ତୁତ ତୀର୍ଥ ।
ମୁନି ମାର୍କଣ୍ଡେୟ ଥିଲେ କଳ୍ପଜୀବୀ । ପ୍ରଳୟ କାଳରେ ସମଗ୍ର ପୃଥିବୀ ଯେତେବେଳେ ଜଳମଗ୍ନ ହେଲା, ମହାମୁନି ମାର୍କଣ୍ଡେୟ ସେହି ପ୍ରଳୟ ଜଳରେ ଭାସିଭାସି ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ । ସେଠାରେ ସେ ଦେଖିଲେ, ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ପ୍ରଳୟ ଜଳରେ ବିନଷ୍ଟ ହୋଇଯିବା ସତ୍ତ୍ୱେ, ଏକ କୋମଳ ପତ୍ରଧାରୀ ବଟବୃକ୍ଷ ଅକଂପିତ ହୋଇ ସେହି ପ୍ରଳୟଜଳ ମଧ୍ୟରେ ଦଣ୍ଡାୟମାନ । ଏବଂ ସେହି ବଟବୃକ୍ଷର ଏକ ପତ୍ର ଉପରେ ଭଗବାନ ଏକ ଅଙ୍ଗୁଷ୍ଠପ୍ରମାଣ ପୁରୁଷ ରୂପରେ ଶୟନ କରିଛନ୍ତି । ତାଙ୍କୁ ଦର୍ଶନ କରି ତଲ୍ଲୀନ ହେବାବେଳେ ଅବଲୀଳାକ୍ରମେ ସେ ସେହି ପୁରୁଷଙ୍କ ଗର୍ଭରେ ପ୍ରବେଶ କଲେ । ସେଠାରେ ସେ ସହସ୍ର ବର୍ଷ ରହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦର୍ଶନ କରି ପୁନଶ୍ଚ ସେହି ମୁଖ ଦେଇ ବାହାରକୁ ଆସିଲେ ଏବଂ ଭଗବାନଙ୍କୁ ପ୍ରଣାମ କରି ଆତ୍ମଜ୍ଞାନ ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ ।

ପରମ ଜ୍ଞାନୀ ଭଗବାନ ତାଙ୍କୁ ପରମଜ୍ଞାନ ପ୍ରଦାନ କରି ଆତ୍ମଜ୍ଞାନ ଲାଭ ନିମିତ୍ତ ପରମ ଜ୍ଞାନୀ ଭଗବାନ ଶିବ ଶଙ୍କରଙ୍କୁ ତପସ୍ୟା କରିବା ନିମିତ୍ତ ନିର୍ଦ୍ଦେଶ ଦେଲେ ଏବଂ ସୃଷ୍ଟି ଓ ପ୍ରଳୟରହିତ ସ୍ଥାନ ଶ୍ରୀକ୍ଷେତ୍ରରେ ନିବାସ କରିବାକୁ ଅନୁମତି ଦେଲେ । ଭଗବାନଙ୍କ ନିର୍ଦ୍ଦେଶରେ ମୁନି ମାର୍କଣ୍ଡେୟ ବଟବୃକ୍ଷର ବାୟୁ କୋଣରେ ଏକ ଗର୍ତ୍ତ ନିର୍ମାଣ କରି ସେଠାରେ ରହି ଶିବ ଆରାଧନା କଲେ ଏବଂ ଚିରଞ୍ଜୀବୀ ହୋଇ ରହିଲେ । ସେହି ଗର୍ତ୍ତ ଆଜି ମାର୍କଣ୍ଡେୟ ସରୋବର ଭାବରେ ଚିହ୍ନିତ । ତାହାର ତୀରଦେଶରେ ମାର୍କଣ୍ଡେଶ୍ୱର ମହାଦେବ ବିରାଜିତ ।

ମାର୍କଣ୍ଡେଶ୍ୱର ହରିହରଙ୍କର ଏକ ଅଘୋର ମୂର୍ତ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନେକ ନୀତି ଏହି ପୁଷ୍କରିଣୀ ତଟରେ ସଂପନ୍ନ ହୋଇଥାଏ । ଶ୍ରୀକୃଷ୍ଣଙ୍କର କାଳୀୟ ଦଳନ ଲୀଳା, ବଡ଼ଠାକୁର ଶ୍ରୀବଳରାମଙ୍କର ଜନ୍ମଲୀଳା, ଦେବୀ ଲକ୍ଷ୍ମୀଙ୍କର ଋଷିପଞ୍ଚମୀ ବ୍ରତ ଆଜି ଏଠାରେ ଅନୁଷ୍ଠିତ ହୁଏ । ଏହା ବ୍ୟତୀତ କେଉଁ ପ୍ରାଚୀନ କାଳରୁ ସେବକ ପରିବାରର କନ୍ୟାମାନେ 'ନେତପିଲା' ହୋଇ ଏଠାରେ ଗୌରୀବ୍ରତ ପାଳନ କରିବାକୁ ଆସିଥାନ୍ତି । ଏଠାରେ ସ୍ନାନ ଓ ମାର୍କଣ୍ଡେୟ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ ।

# ଲିଭର ଓ ଫାଇବ୍ରୋସ୍କାନ୍




ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କୁହାଯାଉଥିବା ଫାଇବ୍ରୋସ୍କାନ୍ ସମ୍ପର୍କରେ ଅନେକ ଜାଣି ନଥାନ୍ତି । ଲିଭରର ସ୍ଥିତି, ଏହାର ନିରାପତ୍ତା, ଏହାର କୌଣସି କ୍ଷତି ହୋଇଛି କି ନାହିଁ, ଏସବୁ ଜାଣିବା ପାଇଁ ଫାଇବ୍ରୋସ୍କାନ୍ ପରୀକ୍ଷା କରାଯାଇଥାଏ । ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି । ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ସ୍ଥଳବିଶେଷରେ ଲିଭର ନଷ୍ଟ ମଧ୍ୟ ହୋଇଯାଉଛି । ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ୍ୟ ନଥାଏ । ଲିଭର ବା ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଲିଭର ଆମ ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ଭଳି ଯେଉଁସବୁ ଉପାଦାନର ଆବଶ୍ୟକତା ରହିଛି, ତାହା ଯକୃତରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଅଧିକ ହେଲେ ଯକୃତଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜ୍ ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜ୍‌ରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ । ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ, ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରି ଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତ ତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟ ପାଆନ୍ତି । ତେଣୁ ଏହାକୁ ଫାଇବ୍ରୋସ୍କାନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ, ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ମାପିହୁଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରି । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍ ?ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ନାହିଁ । କେବଳ କିଛି ଘରୋଇ ଡାକ୍ତରଖାନାରେ ଏହାର ପରୀକ୍ଷା ବ୍ୟବସ୍ଥା ରହିଛି ।

# ସୁଭାଷିତ: ବାଳକ, ବୃଦ୍ଧ ଓ ଭୃତ୍ୟଙ୍କୁ ନ ଦେଇ ଖାଇଲେ ନରକ



ବାଳାନାମଥ ବୃଦ୍ଧାନାଂ ଦାସାନଂ
ଚେବ ଯେ ନରାଃ
ଅଦତ୍ତ୍ୱା ଭକ୍ଷୟନ୍ତ୍ୟଗ୍ରେ ତେବେ ନିରୟ
ଗାମିନଃ ॥
-ମହାଭାରତ, ଅନୁଶାସନପର୍ବ, ୨୪
ଅଧ୍ୟାୟ

ବ୍ୟାସଦେବକୃତ ସଂସ୍କୃତ 'ମହାଭାରତ' ସୁଭାଷିତଗୁଡ଼ିକର ଏକ ଗନ୍ତାଘର । ବିଶେଷ କରି 'ଅନୁଶାସନ ପର୍ବ' ଏ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ । ଏହି ପର୍ବରେ ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିରଙ୍କୁ ?ଶରଶଯ୍ୟାଶାୟୀ ପିତାମହ ଭୀଷ୍ମ ଧର୍ମୋପଦେଶ ଦେଇଛନ୍ତି । ସେହି ପ୍ରସଙ୍ଗରେ ଚତୁର୍ବିଂଶ (୨୪) ଅଧ୍ୟାୟରେ, କ'ଣ କଲେ ନରକଗତି ହୁଏ, ସେ କଥା ବିଶଦ ଭାବରେ କୁହାଯାଇଛି । ୬୮୬ରୁ ୬୯୨ ଶ୍ଳୋକ ମଧ୍ୟରେ ଏ ସଂପର୍କରେ ବର୍ଣ୍ଣନା ଅଛି । ଉପରୋକ୍ତ ସୁଭାଷିତ ତାହାର ୬୯୨ ତମ ଶ୍ଳୋକ । ଏହି ସାତଟି ଶ୍ଳୋକ ମଧ୍ୟରୁ ପ୍ରଥମ ଦୁଇଟି ଶ୍ଳୋକରେ କୁହାଯାଇଛି- ଅନାଥିନୀ ତରୁଣୀ, ଶିଶୁକନ୍ୟା ଓ ବୃଦ୍ଧା ଏବଂ ଭୀତତ୍ରସ୍ତା ନାରୀ ଓ ତପସ୍ୱିନୀମାନଙ୍କୁ ଯିଏ ପ୍ରବଂଚିତ କରେ, ସେ ନରକଗାମୀ ହୁଏ । ସେହିପରି, ଯିଏ ପରନାରୀ ହରଣ ବା ପରନାରୀ ଧର୍ଷଣ କରେ କିମ୍ବା ଏଥିପାଇଁ ଅନ୍ୟକୁ ପ୍ରସ୍ତାବ ବା ପରାମର୍ଶ ଦିଏ, ସେ ନିଶ୍ଚିତ ଭାବରେ ନର୍କକୁ ଯାଏ ।
ଏହାର ପରବର୍ତ୍ତୀ ଦୁଇଟି ଶ୍ଳୋକରେ କୁହାଯାଇଛି- ଯେ ପରସ୍ୱ ବା ଅନ୍ୟର ଅର୍ଥ ଅପହରଣ କରେ ବା ଅନ୍ୟର ଅର୍ଥ ନାଶ କରେ, ଏବଂ ଯେ କେବଳ ଅନ୍ୟର ଦୋଷଦର୍ଶୀ ହୁଏ ବା ପରନିନ୍ଦା କରେ, ସିଏ ନରକଗାମୀ ହୁଏ । ସେହିପରି, ଯେ ଅନ୍ୟର ଜୀବିକା ଛଡ଼ାଇ ନିଏ ବା ତା'ର ଜୀବିକା ନଷ୍ଟକରେ, ଅନ୍ୟର ଘର ଭାଙ୍ଗେ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିବାଦ ଲଗାଇ ତାଙ୍କ ପରିବାରରେ ବିଭେଦ ସୃଷ୍ଟି କରେ, ଯିଏ ବନ୍ଧୁ-ବନ୍ଧୁ ମଧ୍ୟରେ ଭେଦ ଉପୁଜାଇ ତାଙ୍କୁ ପରସ୍ପରର ଶତ୍ରୁ କରେ, ଯେ ଆଶାୟୀର ଆଶା ଭଙ୍ଗ କରେ, ସେ ଦୁଷ୍ଟଚିତ୍ତ ଏବଂ ସେ ନିଶ୍ଚେ ନରକ ଭୋଗ କରେ ।
ଏହା ପରର ଆଉ ଦୁଇଟି ଶ୍ଳୋକରେ କୁହାଯାଇଛି- ଯେ ଚୁଗୁଲିଆ, ଯେ ସାଙ୍ଗଛଡ଼ା, ପର ଅନ୍ନରେ ଯାହାର ପିଣ୍ଡ ଗଢ଼ା, ଯେ ବନ୍ଧୁ ସହିତ ବିଶ୍ୱାସଘାତକତା କରେ, ଯେ ବେଦକୁ ଓ ସାଧୁଙ୍କୁ ନିନ୍ଦା କରେ, ଯେ ଧର୍ମ ସଂକେତକୁ ଅବମାନନା କରେ, ଯେ ସତ୍‌ପଥ ଛାଡ଼ି ଅସତ୍ ? ପଥରେ ଗମନ କରେ, ସେ ନିଶ୍ଚେ ନର୍କଗାମୀ ହୁଏ ।
ପରିଶେଷରେ ଏହି ସାତଟି ଶ୍ଳୋକ ମଧ୍ୟରୁ ସପ୍ତମ ତଥା ଶେଷ ଶ୍ଳୋକରେ କୁହାଯାଇଛି- ଯେଉଁ ବ୍ୟକ୍ତି ବାଳକଙ୍କୁ, ବୃଦ୍ଧଙ୍କୁ ଓ ଭୃତ୍ୟଙ୍କୁ ଅନ୍ନଭୋଜନ ନ ଦେଇ ନିଜେ ପ୍ରଥମେ ଭୋଜନ କରେ, ସେ ନିଶ୍ଚିତ ଭାବରେ ନର୍କଗାମୀ ହୋଇଥାଏ ।

# ଚରିତ୍ର-ଚର୍ଚ୍ଚା: ଅଦିତି



ଅଦିତି- ଦେବମାତା । 'ଦିତି'ର ଅର୍ଥ- ଯାହାର କୌଣସି ଦିତି ବା ସୀମା ନାହିଁ । ତାଙ୍କର ପୁତ୍ର- ଆଦିତ୍ୟ । ସେ ଦ୍ୱାଦଶ-ଆଦିତ୍ୟଙ୍କର ମାତା । ଋଗ୍‌ବେଦ ଅନୁସାରେ, ସେ ହେଉଛନ୍ତି ମୂଳ ପ୍ରକୃତି । ଦକ୍ଷ ପ୍ରଜାପତିଙ୍କର ଯେଉଁ ଷାଠିଏ କନ୍ୟା ଥିଲେ, ସେମାନଙ୍କ ମଧ୍ୟରେ ଅଦିତି ଜ୍ୟେଷ୍ଠା । ସେ ମହର୍ଷି କାଶ୍ୟପଙ୍କୁ ବିବାହ କରିଥିଲେ । ମହର୍ଷି କାଶ୍ୟପ ଓ ଅଦିତିଙ୍କଠାରୁ ଏକାଦଶ ରୁଦ୍ର ଓ ଦ୍ୱାଦଶ ଆଦିତ୍ୟ, ବିବସ୍ୱାନ, ଅର୍ଯ୍ୟମା, ପୁରୁଷ, ତ୍ୱଷ୍ଟା, ସବିତୃ, ଭଗ, ଧାତା, ବରୁଣ, ମିତ୍ର, ଶକ୍ର ଆଦି ଜନ୍ମ ଗ୍ରହଣ କରିଥିଲେ ।
ଏକଦା ମାତା 'ଦିତି'ଙ୍କର ପୁତ୍ର ଦୈତ୍ୟମାନେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ତାଙ୍କଠାରୁ ସ୍ୱର୍ଗଲୋକ ଛଡ଼ାଇ ନେଲେ । ଏଥିରେ ଦୁଃଖିତ ହୋଇ ଏକ ବିକ୍ରମୀ ପୁତ୍ର ପ୍ରାପ୍ତି ନିମିତ୍ତ ମାତା ଅଦିତି ସହସ୍ରବର୍ଷ ଧରି ତପସ୍ୟା କରି ମାର୍ତ୍ତଣ୍ଡଙ୍କୁ ପୁତ୍ର ରୂପରେ ପ୍ରାପ୍ତ ହେଲେ । ସେହି ମାର୍ତ୍ତଣ୍ଡ ଯୁଦ୍ଧରେ ଦାନବମାନଙ୍କୁ ପରାଜିତ କରି ଇନ୍ଦ୍ରଙ୍କୁ ଦେବଲୋକ ପ୍ରଦାନ କରିଥିଲେ ।
କୁରୁକ୍ଷେତ୍ରଠାରୁ ପ୍ରାୟ ୯ କି.ମି. ଦୂରରେ ରହିଛି ଅଦିତିକ୍ଷେତ୍ର ବା ଅଦିତିବନ । ଏଠାରେ ଏକ କୁଣ୍ଡ ରହିଛି, ଯାହାକୁ ସୂର୍ଯ୍ୟକୁଣ୍ଡ କୁହାଯାଏ । କଥିତ ଅଛି, ସୂର୍ଯ୍ୟ ବା (ମାର୍ତ୍ତଣ୍ଡ)ଙ୍କୁ ପୁତ୍ର ରୂପେ ପାଇବାପାଇଁ ଏହି ସ୍ଥାନରେ ଅଦିତି ହଜାରେ ବର୍ଷ ଧରି ତପସ୍ୟା କରିଥିଲେ । ତେଣୁ ଶକ୍ତିଶାଳୀ ମାର୍ତ୍ତଣ୍ଡ ଜନ୍ମ ଗ୍ରହଣ କରିଥିଲେ । ତେଣୁ ସ୍ତ୍ରୀ ଲୋକମାନେ ଶୌର୍ଯ୍ୟଶାଳୀ ପୁତ୍ର ଲାଭ ପାଇଁ ସୂର୍ଯ୍ୟକୁଣ୍ଡରେ ସ୍ନାନ କରି ଦେବୀ ଅଦିତିଙ୍କୁ ପୂଜନ କରିଥାନ୍ତି । ଦେବମାତା ଅଦିତି ଏକଦା ଭଗବାନ ବିଷ୍ଣୁଙ୍କୁ ପୁତ୍ର ରୂପରେ ପାଇବାପାଇଁ ବହୁସହସ୍ର ବର୍ଷ ଧରି ତପସ୍ୟା କରିଥିଲେ । ଫଳରେ ତାଙ୍କଠାରୁ ସତ୍ୟଯୁଗରେ ବାମନ, ତ୍ରେତୟା ଯୁଗରେ ଶ୍ରୀରାମ ତଥା ଦ୍ୱାପର ଯୁଗରେ ଶ୍ରୀବିଷ୍ଣୁ କୃଷ୍ଣ ରୂପରେ ଜନ୍ମଗ୍ରହଣ କରିଥିଲେ । ପୁରାଣ ପ୍ରସଙ୍ଗ ଅନୁସାରେ, ଶ୍ରୀରାମଙ୍କ ମାତା କୌଶଲ୍ୟା ଓ ଶ୍ରୀକୃଷ୍ଣଙ୍କ ମାତା ଦେବକୀ ଅଦିତିଙ୍କର ହିଁ ସ୍ୱରୂପ ।
ମହର୍ଷି କାଶ୍ୟପଙ୍କର ପ୍ରିୟତମା ପତ୍ନୀ ଥିଲେ ଅଦିତି । ସର୍ବଦା ଅଦିତିଙ୍କୁ ଅନନ୍ତ ସୌଭାଗ୍ୟ ଓ ଅନନ୍ତ ଯୌବନ ପ୍ରଦାନ କରିବା ଉଦ୍ଦେଶ୍ୟରେ କାଶ୍ୟପ ମହାତରୁ ପାରିଜାତକୁ ସୃଷ୍ଟି କରିଥିଲେ । ପରବର୍ତ୍ତୀ କାଳରେ ଅଦିତି ଏହାକୁ ଇନ୍ଦ୍ରପତ୍ନୀ ଶଚୀଙ୍କୁ ପ୍ରଦାନ କରିଥିଲେ । ଶ୍ରୀକୃଷ୍ଣ ପାରିଜାତକ ମର୍ତ୍ତ୍ୟଲୋକକୁ ଆଣିଥିଲେ ।

32 YEARS
ସମ୍ବାଦ କଳିକା



# ସିରିଜ୍‌କୁ ୧-୧ରେ ବରାବର କଲା ନ୍ୟୁଜିଲାଣ୍ଡ




**ହାମିଲଟନ**

ଡେଭନ କନୱେଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬୮ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୦ ତାରିଖରେ ଅକ୍‌ଲାଣ୍ଡର ଇଡେନ ପାର୍କରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରିଥିଲା। କନୱେ ୬୦ (୫ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଭଲ ଆରମ୍ଭ ଦେଇଥିବା ବେଳେ ଶେଷ ଆଡ଼କୁ ଜଶ କ୍ଲାର୍କସନ ୯ ବଲରେ ଅପରାଜିତ ୨୬ (୨ ଲେଖାଏଁ ଚୌକା ଓ ଛକା) ରନର ପାଳି ଖେଳିଥିଲେ।

ଜବାବରେ ବେନ ସିଅର୍ସ ଓ ଲୋକି ଫର୍ଗୁସନଙ୍କ ମିଳିତ ୬ ଉଇକେଟ ଯୋଗୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୫.୩ ଓଭରରେ ୧୦୭ ରନରେ ଅଲଆଉଟ୍ ହୋଇ ଯାଇଥିଲା। ପେସ ଓ ବାଉନ୍ସ ଭ୍ୟାରି କରୁଥିବା ପିଚ୍‌ରେ ଦଳର ପ୍ରତ୍ୟେକ ବ୍ୟାଟର ଟାଇମିଂ ପାଇଁ ସଂଘର୍ଷ କରିଥିଲେ ଏବଂ ସମସ୍ତ ବ୍ୟାଟର କ୍ୟାଚ୍ ଆଉଟ୍ ହୋଇଥିଲେ। ଦକ୍ଷିଣ ଆଫ୍ରିକା ୪୦ ରନ ମଧ୍ୟରେ ତା'ର ଅନ୍ତିମ ୬ ଉଇକେଟ ହରାଇଥିଲା। କେବଳ ଜର୍ଜ ଲିଣ୍ଡେ ୧୨ ବଲରେ ୩ ଲେଖାଏଁ ଚୌକା ଓ ଛକା ସହାୟତାରେ ୩୩ ରନ କରିଥିଲେ।

# ଆଜିଠୁ କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ପାରା ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାରଠାରୁ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ପ୍ରତିଯୋଗିତା ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୬୦ ପ୍ରତିଯୋଗୀ ସର୍ବମୋଟ ୧୪୫ ପଦକ ଲାଗି ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅପରାହ୍ଣ ୪ଟାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ।


ମଙ୍ଗଳବାର ଏକ ସ୍ଥାନୀୟ ହୋଟେଲରେ ଏଥିନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିଆଇ ଅଧ୍ୟକ୍ଷ ସତ୍ୟନାରାୟଣ, ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଉପସ୍ଥିତ ରହି ପ୍ରତିଯୋଗିତା ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ପାରା ସ୍ପୋର୍ଟସ୍‌ରେ ଭାରତ ଏବେ ଦ୍ରୁତ ଅଭିବୃଦ୍ଧି ଲାଭ କରୁଥିଲା ବେଳେ ଓଡ଼ିଶାର ଏଥିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି କହିଥିଲେ ସତ୍ୟନାରାୟଣ।

ସେହିଭଳି ପାରା କ୍ରୀଡ଼ାବିତ୍‌ଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଷ୍ଟାଡିୟମ୍ ନିର୍ମାଣ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ରହିବା ବ୍ୟବସ୍ଥା ଏବଂ ବିଭିନ୍ନ ଏଚ୍‌ପିସିରେ ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରିବା ପ୍ରସ୍ତାବ ଏବେ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ପାରା କ୍ରୀଡ଼ାର ବିକାଶ ଲାଗି ଆଗାମୀ ସମୟରେ ବହୁ ବିକାଶମୂଳକ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ସେ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ, ତାରକା ପାରା ଧାବିକା ଜୟନ୍ତୀ ବେହେରା, ଆୟୋଜକ କମିଟି ସଂପାଦକ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାରୁ ୪୦ ପ୍ରତିଯୋଗୀ : ବଛାବଛା ଆଥ୍‌ଲେଟ୍‌ମାନଙ୍କୁ ନେଇ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ଏକ ୪୦ ଜଣିଆ ଦଳ ଅଂଶଗ୍ରହଣ କରିବ। ତେବେ ସବୁଠୁ ବଡ଼ ଦଳ ହରିୟାଣା ପଠାଇଛି। ଏହି ପ୍ରତିଯୋଗିତାରୁ ସ୍କଟଲାଣ୍ଡ୍‌ର ଗ୍ଲାସ୍‌ଗୋଠାରେ ଖେଳାଯିବାକୁ ଥିବା ରାଜ୍ୟଗୋଷ୍ଠୀ ପାରା କ୍ରୀଡ଼ା ସହ ଜାପାନର ଆଇଚି ନାଗୋୟାଠାରେ ଆୟୋଜିତ ହେବାକୁ ଥିବା ଏସୀୟ ପାରା କ୍ରୀଡ଼ା ଲାଗି ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯିବ। ମେୟାପନ ଥଙ୍ଗଭେଲୁ, ସୁମିତ ଅନ୍ତିଲ, ନଭଦୀପ ସିଂହ, ପ୍ରବୀଣ କୁମାର, ପ୍ରୀତି ପାଲ, ଶୈଳେଶ କୁମାର, ରୋହିତ କୁମାର, ପୁନମ ଲକ୍ଷ୍ମୀ, ଦେବେନ୍ଦ୍ର ସିଂହ ଗୁଜର ଓ ଯୋଗେଶଙ୍କ ଭଳି ଏଲିଟ୍ ପାରା ଆଥଲେଟ୍‌ମାନେ କଳିଙ୍ଗ ଷ୍ଟାଡିୟମ୍‌ରେ ନିଜନିଜ ଯାଦୁ ଦେଖାଇବେ। ଏସୀୟ ପାରା କ୍ରୀଡ଼ା ପଦକ ବିଜୟିନୀ ଜୟନ୍ତୀ ବେହେରା ସ୍ଥାନୀୟ ଚ୍ୟାଲେଞ୍ଜ୍‌ର ନେତୃତ୍ୱ ନେବେ। ୨୦୨୪ ପାରାଲିମ୍ପିକ୍ସରେ ଭାରତ ୨୯ ପଦକ ଜିତି ଇତିହାସ ରଚିଥିଲା। ଆଗାମୀ ପାରାଲିମ୍ପିକ୍ସରେ ଭାରତ ଆହୁରି ଅଧିକ ପଦକ ଜିତିବ ବୋଲି ଉପସ୍ଥିତ ଆଥଲେଟ୍‌ମାନେ ଏହି ଅବସରରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଗତଥର ତାମିଲନାଡୁରେ ଆୟୋଜିତ ୨୩ତମ ଜାତୀୟ ପାରା ଆଥଲେଟିକ୍ସରେ ଓଡ଼ିଶାର ୩୨ ଜଣିଆ ଦଳ ଭାଗ ନେଇ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସହ ମୋଟ ୭ଟି ପଦକ ଜିତିଥିଲେ। ଏଥର ଘରୋଇ ପରିବେଶରେ ଏହି ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ଶେଷ ଥର ପାଇଁ ଓଡ଼ିଶାରେ ୨୦୨୨ ମସିହାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଆଇପିଏଲ ୨୦୨୬ : ଜେମ୍ସ ଫୋଷ୍ଟର ହେଲେ ସୁପରକିଙ୍ଗ୍‌ସ ଫିଲ୍ଡିଂ କୋଚ୍

**ନୂଆଦିଲ୍ଲୀ**




ଆସନ୍ତା ୨୮ରୁ ଆରମ୍ଭ ହେବ ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍। ଏହା ପୂର୍ବରୁ ଦଳକୁ ସୁଦୃଢ଼ କରୁଛି ୫ ଥରର ବିଜେତା ଚେନ୍ନାଇ ସୁପରକିଙ୍ଗସ୍। ଇଂଲଣ୍ଡର ପୂର୍ବତନ ୱିକେଟ୍ କିପର ଜେମ୍ସ ଫୋଷ୍ଟରଙ୍କୁ ଚେନ୍ନାଇ ସୁପରକିଙ୍ଗ୍ସ ଦଳର ନୂଆ ଫିଲ୍ଡିଂ କୋଚ ନିଯୁକ୍ତି କରିଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ପରେ ଫୋଷ୍ଟର କୋଚିଂରେ ମନୋନିବେଶ କରିଛନ୍ତି।

ଲିଗ୍ କ୍ରିକେଟ୍‌ରେ ସେ ଦୀର୍ଘ ଦିନ ଧରି ପ୍ରଶିକ୍ଷଣ ଦେଉଛନ୍ତି। ୨୦୦୧ରୁ ୨୦୦୯ ମଧ୍ୟରେ ଫୋଷ୍ଟର ଇଂଲଣ୍ଡ ପକ୍ଷରୁ ୨୩ଟି ମ୍ୟାଚ୍ ଖେଳିଥିଲେ। ୨୦୧୮ରେ ସେ କ୍ରିକେଟ୍‌ରୁ ଅବସର ନେଇଥିଲେ ଓ କୋଚିଂରେ କ୍ୟାରିୟର ଆରମ୍ଭ କରିଥିଲେ। ଗତ ସିଜନରେ ସେ ଡେଜର୍ଟ ଭାଇପର ଦଳକୁ ଆଇଏଲ୍ ଟି-ଟ୍ୱେଣ୍ଟି ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ହଣ୍ଡ୍ରେଡ୍ ସିଜନ ପାଇଁ ବର୍ମିଂହାମ ଫୋନେକ୍ସ ତାଙ୍କୁ ସହକାରୀ କୋଚ୍ ନିଯୁକ୍ତ କରିଛି। ଏହା ବ୍ୟତୀତ ସେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଦଳର କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି। ପୂର୍ବରୁ ସେ କୋଲକାତା ନାଇଟ୍ ରାଇଡର୍ସ ଦଳର ଫିଲ୍ଡିଂ ଓ ସହକାରୀ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରି ସାରିଛନ୍ତି। ସୂଚନାଯୋଗ୍ୟ, ଷ୍ଟିଫାନ ଫ୍ଲେମିଂ ସୁପରକିଙ୍ଗ୍ସ ଦଳର ମୁଖ୍ୟ କୋଚ ରହିଥିବା ବେଳେ ମାଇକେଲ ହସି ବ୍ୟାଟିଂ କୋଚ୍ ଓ ଏରିକ ସିମନ୍ସ ବୋଲିଂ କୋଚ ଭାବେ କାର୍ଯ୍ୟ କରୁଛନ୍ତି।

ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ ସିଜନ୍ ୧୯କୁ ଆଉ ୧୧ ଦିନ ବାକି ଅଛି। ପ୍ରଥମ ମ୍ୟାଚ୍ ଡିଫେଣ୍ଡି ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ମାର୍ଚ୍ଚ ୩୦ରେ ଗୌହାଟୀରେ ଚେନ୍ନାଇ ସୁପରକିଙ୍ଗସ୍ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ : ସାଇପ୍ରସ୍ ଯିବାକୁ ଚାହୁଁନାହାନ୍ତି ଭାରତୀୟ ଖେଳାଳି

**ନୂଆଦିଲ୍ଲୀ**



ସାଇପ୍ରସ୍ ଠାରେ ଆସନ୍ତା ୨୮ରୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ କ୍ୟାଣ୍ଡିଡେଟ୍ସ-୨୦୨୬ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ପୁରୁଷ ବର୍ଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦା ଏବଂ ମହିଳା ବର୍ଗରେ ଫିଡେ ବିଶ୍ୱକପ୍ ଚାମ୍ପିଅନ୍ ଦିବ୍ୟା ଦେଶମୁଖ, କୋନେରୁ ହମ୍ପି ଓ ଆର. ବୈଶାଳୀ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମାତ୍ର ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧକୁ ନେଇ ଭାରତୀୟ ଖେଳାଳିମାନେ ସାଇପ୍ରସ୍ ଗସ୍ତ କରିବାକୁ ଚାହୁଁନଥିବା ଜଣାପଡ଼ିଛି।

ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ଗତ ୧ ତାରିଖରେ ସାଇପ୍ରସରେ ଥିବା ବ୍ରିଟିଶ ଏୟାର ବେସ୍ ଉପରେ ଏକ ଡ୍ରୋନ୍ ମାଡ଼ ହୋଇଥିଲା। ଏହି ଘଟଣା ପରଠୁ ଭାରତୀୟ ଖେଳାଳିମାନେ ସାଇପ୍ରସ୍‌ରେ ଖେଳିବାକୁ ଅମଙ୍ଗ ହେଉଛନ୍ତି। ଭାରତୀୟ ମହିଳା ଗ୍ରାଣ୍ଡମାଷ୍ଟର ହମ୍ପି ନିକଟରେ ହିନ୍ଦୁସ୍ତାନ ଟାଇମ୍ସକୁ ସାକ୍ଷାତକାର ଦେଇ କହିଥିଲେ ଯେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମୟରେ ସାଇପ୍ରସ୍ ଯାତ୍ରା କରିବା ବିପଦଜନକ ହେବ। ଏପର୍ଯ୍ୟନ୍ତ ଯୁଦ୍ଧ ଲାଗି ରହିଛି। ଟୁର୍ଣ୍ଣାମେଣ୍ଟକୁ ଆଉ ମାତ୍ର ୨ ସପ୍ତାହରୁ କମ୍ ସମୟ ରହିଲା। ଏଭଳି ସମୟରେ ସାଇପ୍ରସ୍ ଯାତ୍ରା କରିବା ଆମ ପାଇଁ ଠିକ୍ ହେବ ନାହିଁ। ମୋ' ମତରେ ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ସ୍ଥାନାନ୍ତର କରିବା ଉପଯୁକ୍ତ ନିଷ୍ପତ୍ତି ହେବ। କିନ୍ତୁ ଆୟୋଜକ (ଫିଡେ) ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ବିଶ୍ୱର ଶ୍ରେଷ୍ଠ ୧୬ଜଣ (ପୁରୁଷ ଓ ମହିଳା) ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ଆୟୋଜକ ଖେଳାଳିମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ୍।

ଫିଡେ ସିଇଓ ଏମିଲ ସୁଟୋଭସ୍କାଏ କହିଛନ୍ତି ଯେ, ଆମର ଭେନ୍ୟୁ ପରିବର୍ତ୍ତନ କରିବାର ଯୋଜନା ହୋଇନାହିଁ। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି। ଆମେ ସେଠାକାର ସ୍ଥିତିର ସମୀକ୍ଷା କରିଛୁ। ସାଇପ୍ରସ୍ ଖେଳାଳିମାନଙ୍କ ପାଇଁ ସୁରକ୍ଷିତ ଥିବା ଅନୁଭବ କରିଛୁ। ତେଣୁ ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ।

# ଶିତିଜ ପ୍ରେମ କୁମାର ଓଡ଼ିଶା ବଡିବିଲ୍ଡିଂ ଓଭରଅଲ୍ ଚାମ୍ପିଅନ୍

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଟିକିରି ଠାରେ ଆୟୋଜିତ ମିଷ୍ଟର ଏଣ୍ଡ ମିସେଜ୍ ଓଡ଼ିଶା ବଡିବିଲ୍ଡିଂ ଚମ୍ପିଆନସିପ୍‌ରେ ମାଲକାନଗିରି ଜିଲ୍ଲାର ଯୁବକ ଶିତିଜ ପ୍ରେମ କୁମାର ଅଲି ଚମତ୍କାର ସଫଳତା ଅର୍ଜନ କରିଛନ୍ତି। ମେନ୍ସ ଫିଜିକ୍ ଜୁନିୟର ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସହ ଏହି ବର୍ଗରେ ଓଭରଅଲ୍ ଚାମ୍ପିଅନ ଭାବେ ଚୟନିତ ହୋଇଛନ୍ତି। ମାଲକାନଗିରି ଜିଲ୍ଲାର ଏହି ପ୍ରତିଭାଶାଳୀ ଯୁବକଙ୍କ ସଫଳତା ପଛରେ ତାଙ୍କର ଦୀର୍ଘଦିନର ପ୍ରୟାସ, ଶ୍ରମ ଓ ନିୟମିତ ଅଭ୍ୟାସ ମୁଖ୍ୟ ଭୂମିକା ନେଇଛି। ତାଙ୍କୁ କୋଚ୍ ଶ୍ରୀକାନ୍ତ ବେହେରା ପ୍ରଶିକ୍ଷଣ ଦେଇଥିବା ବେଳେ ଏହି ସଫଳତା ଜିଲ୍ଲାର କ୍ରୀଡ଼ାକ୍ଷେତ୍ର ପାଇଁ ଗର୍ବର ବିଷୟ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଶିତିଜ ପ୍ରେମ କୁମାର ଅଲିଙ୍କୁ ଜିଲ୍ଲାର କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଲୋକମାନେ ଅଭିନନ୍ଦନ ଜଣାଇଛନ୍ତି।

# ଆଥ୍‌ଲେଟ୍ ଫଷ୍ଟ ଗଭର୍ଣ୍ଣାନ୍ସ ଭାରତୀୟ କ୍ରୀଡ଼ାର ଭବିଷ୍ୟତକୁ ମାର୍ଗଦର୍ଶିକା କରିବ : ପିଟି ଉଷା

**ନୂଆଦିଲ୍ଲୀ**

ଭାରତୀୟ ଅଲିମ୍ପିକ୍ସ ସଙ୍ଘ (ଆଇଓଏ) ଅଧ୍ୟକ୍ଷ ପିଟି ଉଷା ଭାରତୀୟ କ୍ରୀଡ଼ା ମଧ୍ୟରେ ଏକ ଆଥଲେଟ୍-କେନ୍ଦ୍ରିକ ଶାସନ ଢାଞ୍ଚାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଦେଶର କ୍ରୀଡ଼ା ପରିବେଶର ଭବିଷ୍ୟତ ନୀତି ଦ୍ୱାରା ଆଥଲେଟ ମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର କେନ୍ଦ୍ରରେ ରଖିବା ଉଚିତ। ଆଇଓଏ ଅଧ୍ୟକ୍ଷ ପିଟି ଉଷା ଭାରତୀୟ କ୍ରୀଡ଼ା ସାମ୍ବାଦିକ ଫେଡେରେସନ୍ (ଏସଜେଏଫ୍‌ଆଇ) ସୁବର୍ଣ୍ଣ ଜୟନ୍ତୀ ଜାତୀୟ ସମ୍ମିଳନୀର ତୃତୀୟ ଦିନ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି କହିଛନ୍ତି ଯେ କ୍ରୀଡ଼ା ପ୍ରଶାସକ ଏବଂ କ୍ରୀଡ଼ା ସଂଗଠନ ପାଇଁ ଆଥଲେଟ୍‌ଙ୍କ ପ୍ରସ୍ତୁତି, କଲ୍ୟାଣ ଏବଂ ବିକାଶ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଏହି ସମ୍ମିଳନୀ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସଜେଏ) ଦ୍ୱାରା ଆୟୋଜିତ ହେଉଛି। ପିଟି ଉଷା ମନ୍ତବ୍ୟ ଦେଇଥିଲେ, 'ଆଥଲେଟ୍ ଫଷ୍ଟ ଗଭର୍ଣ୍ଣାନ୍‌ସ ଭାରତୀୟ କ୍ରୀଡ଼ାର ଭବିଷ୍ୟତକୁ ମାର୍ଗଦର୍ଶନ କରିବା ଉଚିତ। ଆଥଲେଟ୍‌ଙ୍କ ପ୍ରସ୍ତୁତି, କଲ୍ୟାଣ ଏବଂ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଭାରତୀୟ କ୍ରୀଡ଼ାର ବିକଶିତ ଦୃଶ୍ୟପଟ ଉପରେ ବକ୍ତବ୍ୟ ରଖି ସେ ଉଲ୍ଲେଖ କରିଥିଲେ ଯେ ଦେଶ ବର୍ତ୍ତମାନ ଏହାର କ୍ରୀଡ଼ା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ଉନ୍ନତ ଭିତ୍ତିଭୂମି, ବୈଜ୍ଞାନିକ ତାଲିମ ଏବଂ ସାଂଗଠନିକ ସହାୟତା ପାଇଁ ଧନ୍ୟବାଦ, ଭାରତୀୟ ଖେଳାଳିମାନେ ଏବେ ବିଶ୍ୱ ସ୍ତରରେ ଅଧିକ ଆତ୍ମବିଶ୍ୱାସର ସହିତ ପ୍ରତିଯୋଗିତା କରୁଛନ୍ତି।

# ରୋହିତଙ୍କ ପାଇଁ ମୁମ୍ବାଇ ଇଣ୍ଡିଆନ୍ସର ସ୍ୱତନ୍ତ୍ର ପ୍ଲାନ ନେଇ ସ୍ପଷ୍ଟ କଲେ ହେଡ୍ କୋଚ୍

**ମୁମ୍ବାଇ**




ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୬ ପାଇଁ ପ୍ରସ୍ତୁତି ଏବେ ଜୋରଦାର ଚାଲିଛି। ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ତଥା ଷ୍ଟାର ବ୍ୟାଟର ରୋହିତ ଶର୍ମା ମଧ୍ୟ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ରୋହିତଙ୍କ ଫିଟ୍‌ନେସ୍ ଏବଂ ବ୍ୟାଟିଂ ଅଭ୍ୟାସର ଭିଡିଓ ବେଶ୍ ଭାଇରାଲ ହେଉଛି। ନିକଟରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓରେ ରୋହିତ, ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଏକ ଜବରଦସ୍ତ ଛକା ମାରୁଥିବା ଦେଖିବାକୁ ମିଳିଛି। ତେବେ ଏହି ସିଜନରେ ରୋହିତଙ୍କ ଭୂମିକା କ'ଣ ହେବ, ସେ ନେଇ ଦଳର ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ ଏବେ ସ୍ପଷ୍ଟ ସୂଚନା ଦେଇଛନ୍ତି।

ଜୟବର୍ଦ୍ଧନେଙ୍କ କହିବା ଅନୁଯାୟୀ, ରୋହିତ ଏହି ସିଜିନରେ କେବଳ 'ଇମ୍ପାକ୍ଟ ପ୍ଲେୟାର' ଭାବେ ଖେଳିବେ ନାହିଁ। ବରଂ ସେ ଅଧିକାଂଶ ମ୍ୟାଚ୍‌ରେ ପଡ଼ିଆରେ ଫିଲ୍ଡିଂ କରୁଥିବା ନଜର ଆସିବେ। ଗତ ସିଜିନରେ ରୋହିତଙ୍କ ଫିଟ୍‌ନେସ୍‌କୁ ନେଇ କିଛି ସମସ୍ୟା ଥିବାରୁ ତାଙ୍କର ୱାର୍କଲୋଡ ମ୍ୟାନେଜ୍ କରାଯାଉଥିଲା। ଏଥର ରୋହିତ ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ସେ ଦଳ ପାଇଁ ବ୍ୟାଟିଂ ସହ ଫିଲ୍ଡିଂରେ ମଧ୍ୟ ବଡ଼ ଭୂମିକା ଗ୍ରହଣ କରିବେ। ଦଳର ସନ୍ତୁଳନ ଏବଂ ପରିସ୍ଥିତିକୁ ଦେଖି ତାଙ୍କୁ ସର୍ବାଧିକ ବ୍ୟବହାର କରାଯିବ ବୋଲି କୋଚ୍ କହିଛନ୍ତି।

ରୋହିତ ଶର୍ମା କେବଳ ଦଳର ପୂର୍ବତନ ଅଧିନାୟକ ନୁହନ୍ତି, ବରଂ ମୁମ୍ବାଇ ଇଣ୍ଡିଆନ୍ସର ସବୁଠାରୁ ସଫଳ ବ୍ୟାଟର ମଧ୍ୟ। ରୋହିତ ନିଜ ଆଇପିଏଲ କ୍ୟାରିୟରରେ ୨୭୨ଟି ମ୍ୟାଚ୍‌ରୁ ୭୦୪୬ ରନ୍ ସଂଗ୍ରହ କରିଛନ୍ତି। ଏହି ମୋଟ ରନ ମଧ୍ୟରୁ ପ୍ରାୟ ୬୦୦୦ ରନ ସେ କେବଳ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି କରିଛନ୍ତି। ୨୦୧୧ ମସିହାରୁ ସେ ଦଳ ସହ ଜଡ଼ିତ ଅଛନ୍ତି ଏବଂ ମୁମ୍ବାଇ ଜିତିଥିବା ୫ଟି ଯାକ ଆଇପିଏଲ ଟାଇଟଲ ବିଜୟରେ ସେ ଦଳର ଏକ ଅଭିନ୍ନ ଅଂଶ ରହିଛନ୍ତି।

ଡେକାନ ଚାର୍ଜର୍ସରୁ ଆରମ୍ଭ କରି ମୁମ୍ବାଇ ଇଣ୍ଡିଆନ୍ସ ପର୍ଯ୍ୟନ୍ତ ରୋହିତଙ୍କ ଯାତ୍ରା ବେଶ୍ ପ୍ରେରଣା-ଦାୟୀ। ଏବେ ପ୍ରଶଂସକମାନେ ୨୦୨୬ ସିଜିନରେ 'ହିଟ୍‌ମ୍ୟାନ' ଙ୍କ ବ୍ୟାଟ୍‌ରୁ ପୁଣି ଥରେ ରନ୍ ବର୍ଷା ଦେଖିବାକୁ ଅପେକ୍ଷା କରିଛନ୍ତି।

# ସନରାଇଜର୍ସ ନେତୃତ୍ୱ ନେଇ ପାରନ୍ତି ବିଶ୍ୱକପ ହିରୋ ଇଶାନ !

**ନୂଆଦିଲ୍ଲୀ**




୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍ ୧୯ରେ ସନରାଇଜର୍ସ ଦଳ ଖେଳିବ ଉଦ୍‌ଘାଟନୀ ମୁକାବିଲା। ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷ ଏହି ମ୍ୟାଚ୍‌ରେ ଇଶାନ କିଷନ ଦଳର ନେତୃତ୍ୱ ନେବା ସମ୍ଭାବନା ରହିଛି। ସନରାଇଜର୍ସ ଦଳର ଅଧିନାୟକ ଥିବା ଅଷ୍ଟ୍ରେଲିଆ ଖେଳାଳି ପ୍ୟାଟ୍ କମିନ୍ସ ଆହତ ଥିବାରୁ ଗତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଖେଳି ନଥିଲେ। ଏବେ ସୁଦ୍ଧା ତାଙ୍କ ଫିଟ୍‌ନେସ ରିପୋର୍ଟ ସନରାଇଜର୍ସ ନିକଟରେ ପହଞ୍ଚି ନାହିଁ। କମିନ୍ସଙ୍କ ଅନୁପସ୍ଥିତିରେ କିଷନଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିବା ଆଶା କରାଯାଉଛି। କମିନ୍ସ ଫିଟ୍ ହୋଇ ଦଳକୁ ଫେରିଲେ ନେତୃତ୍ୱ ନେବେ। କିଷନ ସମ୍ପ୍ରତି ଚମତ୍କାର ଫର୍ମରେ ରହିଛନ୍ତି।

ଗତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ସେ ୨୧୭ ରନ ସଂଗ୍ରହ କରି ଭାରତକୁ ଚାମ୍ପିଅନ୍ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିଷନଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ଗତ ସିଜନରେ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ୍ ହୋଇଥିଲା। ସନରାଇଜର୍ସ ମ୍ୟାନେଜମେଣ୍ଟ କିଷନଙ୍କ ଦକ୍ଷତା ଉପରେ ଯଥେଷ୍ଟ ଭରସା ରଖିଛି। ତେଣୁ ସେ ଅଧିନାୟକ ଦୌଡ଼ରେ ସବୁଠୁ ଆଗରେ ରହିଛନ୍ତି। ସନରାଇଜର୍ସ ଦଳରେ ଟ୍ରେଭିସ୍ ହେଡ୍, ଅଭିଷେକ ଶର୍ମା, ହେନରିକ କ୍ଲାସେନଙ୍କ ଭଳି ସଫଳ ଖେଳାଳି ରହିଛନ୍ତି। ମାତ୍ର ସେମାନଙ୍କ ଅପେକ୍ଷା କିଷନଙ୍କୁ ଅଗ୍ରାଧିକାର ମିଳିଛି। ୨୦୨୫ ସିଜନ ପୂର୍ବରୁ ମେଗା ନିଲାମରେ ସନରାଇଜର୍ସ ୧୧.୨୫ କୋଟି ଟଙ୍କା ମୂଲ୍ୟରେ କିଷନଙ୍କୁ କିଣିଥିଲା। ଗତ ସିଜନରେ ସେ ଦଳ ପକ୍ଷରୁ ଏକ ଶତକୀୟ ପାଳି ଖେଳିଥିଲେ। ଆଇପିଏଲ ସିଜନ୍ ୧୯ରେ ପ୍ରଥମ ମ୍ୟାଚ ଡିଫେଣ୍ଡି ଚାମ୍ପିଅନ ବିପକ୍ଷରେ ମାର୍ଚ୍ଚ ୨୮ ତାରିଖରେ ଖେଳିବ ସନରାଇଜର୍ସ ହାଇଦ୍ରାବାଦ।

# ଆଇପିଏଲ୍ ୨୦୨୬ ପୂର୍ବରୁ ଫିଟ୍ ହେଲେ ଏଲଏସଜି ବୋଲର ମୟଙ୍କ ଯାଦବ

**ମୁମ୍ବାଇ**




ଆଇପିଏଲ୍ ୨୦୨୬ର ଖୁବ୍ ଚର୍ଚ୍ଚା ହେବାରେ ଲାଗିଛି। ଟୁର୍ଣ୍ଣାମେଣ୍ଟରେ ଖେଳୁଥିବା ସମସ୍ତ ୧୦ ଟିମ୍ ଆଗାମୀ ସିଜନ ଲାଗି ନିଜ ନିଜ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ। ଏହା ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଆରମ୍ଭ ପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସଜିର) ଲାଗି ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ପ୍ରକାଶ ଯେ, ୧୫୬କିମି ଗତିରେ ବୋଲିଂ କରୁଥିବା ମୟଙ୍କ ଯାଦବ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇସାରିଛନ୍ତି।

ଲମ୍ବା ସମୟରୁ ଆହତ ଥିବା ମୟଙ୍କ ଲକ୍ଷ୍ନୌ ସୋସିଆଲ ମିଡ଼ିଆ ମାଧ୍ୟମରେ ଏକ ଭିଡ଼ିଓ ସେୟାର କରିଛନ୍ତି। ଯେଉଁଥିରେ ସେ ପୂରା ଟିମ୍ ସହ ବୋଲିଂ କରୁଥିବା ନଜର ଆସିଛନ୍ତି। ମୟଙ୍କ ପଡ଼ିଆକୁ ପୁଣି ଫେରିବା ଲକ୍ଷ୍ନୌ ଲାଗି ବଡ଼ ବୁଷ୍ଟ ସାବ୍ୟସ୍ତ ହେବ। ଭିଡ଼ିଓରେ ଦେଖାଯାଇପାରେ କି ମୟଙ୍କ ନିଜ ବୋଲିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ଭିଡ଼ିଓରେ ମୟଙ୍କ ଯାଦବ ଏବଂ ମୁକୁଲ ଚୌଧୁରୀଙ୍କ ମଧ୍ୟରେ ଯୁଦ୍ଧ ଦେଖିବାକୁ ମିଳିଛି। ମୟଙ୍କଙ୍କୁ ମୁକୁଲଙ୍କ ସାମ୍ନାରେ ଏକ ଓଭରରେ ୧୫ରନ୍ ଡିଫେଣ୍ଡ କରିବାରେ ଥିଲା। ଏହି ସମୟରେ ମୟଙ୍କ ବହୁ ସୁନ୍ଦର ବୋଲିଂ କରି ୩ରନରେ ବିଜୟ ହାସଲ କରିଛନ୍ତି। ମୟଙ୍କ ତରଫରୁ କିଛି ସଠିକ୍ ୟର୍କର ଦେଖିବାକୁ ମିଳିଛି। ମୟଙ୍କଙ୍କ ଗତି ସାମ୍ନା କରିବା ମୁକୁଲ ଲାଗି ଆଦୌ ସହଜ ନ ଥିଲା। ପ୍ରକାଶ ଯେ, ମୟଙ୍କ ୨୦୨୬ ଟି-୨୦ ବିଶ୍ୱକପ ଆରମ୍ଭ ପୂର୍ବରୁ ଭାରତ ଲାଗି ୱାର୍ମଅପ ମ୍ୟାଚ୍ ଖେଳୁଥିବା ନଜର ଆସିଥିଲେ। ସେ ୟୁଏସଏ ଏବଂ ନାମିବିୟା ବିପକ୍ଷ ଦୁଇଟି ୱାର୍ମଅପ ମ୍ୟାଚ୍ ଖେଳିଥିଲେ। ପ୍ରଥମ ମ୍ୟାଚରେ ସେ ୩୭ ରନ୍ ଦେଇଥିଲେ। ପରେ ଦ୍ୱିତୀୟ ମ୍ୟାଚ୍‌ରେ ମୟଙ୍କ ୧୭ ରନ୍ ଦେଇ ୨ ୱିକେଟ ନିଜ ନାଁରେ କରିନେଇଥିଲେ। ଏବେ ଦେଖିବାକୁ ବାକି ରହିଲା ଆଇପିଏଲରେ ତାଙ୍କର ପ୍ରଦର୍ଶନ କିଭଳି ରହିବ।

# ଅଜଣା ଆକାଉଣ୍ଟରୁ ପଇସା ଆସିବାରୁ ବ୍ୟାଙ୍କ ଖାତା ସିଲ୍ ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ନଳପାରୀ ଗ୍ରାମର ପ୍ରଭାତ ମଲିକଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଏକ ଅଜଣା ଆକାଉଣ୍ଟରୁ ୩୮୯୭ ଟଙ୍କା ଆସିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ପ୍ରଭାତଙ୍କ ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଗତ ଫେବୃୟାରୀ ୯ ତାରିଖ ୧୯୫୦ ଟଙ୍କା ଓ ୧୬.୧୧.୨୫ରେ ୧୯୪୭ ଟଙ୍କା ଆସିଥିବା ଜାଣିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରି ଦେଇଥିବାରୁ ପ୍ରଭାତ ଜଣେ ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଏ ବିଷୟେର ତାଙ୍କର କୌଣସି ଅଭିଜ୍ଞତା ନ ଥିବାରୁ ସେ ବ୍ୟାଙ୍କ ଖାତା ଅଚଳ ହେବାର ଜାଣିପାରି ନ ଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ତମ ବ୍ୟାଙ୍କ ଖାତାକୁ ଅଜଣା ଟଙ୍କା ଆସିଥିବାର ପ୍ରକାଶ କରିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ତାଙ୍କ ବ୍ୟାଙ୍କ ଖାତାକୁ ପୁନଃ ପ୍ରଚଳନ କରିବା ପାଇଁ ସେ ସାଇବର ଥାନାରେ ଅନୁରୋଧ କରିଛନ୍ତି।

# ଏସ୍‌ଜେଏଫ୍‌ଆଇର ସ୍ୱର୍ଣ୍ଣ ଜୟନ୍ତୀ: ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ସମ୍ମାନିତ


**ଭୁବନେଶ୍ୱର/ନୂଆଦିଲ୍ଲୀ**




ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ)ର ୫୦ତମ ଜାତୀୟ ସମାରୋହ ରାଜଧାନୀ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସୋମବାର ରାତିରେ ସମାପିତ ହୋଇଛି। ୨୩ ବର୍ଷ ପରେ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ଏହାକୁ ଆୟୋଜନ କରିଥିବା ବେଳେ ଘରୋଇ ଉତ୍ତରାଞ୍ଚଳ ଦଳ ଏକ ଦଶନ୍ଧିର ଲମ୍ବା ବ୍ୟବଧାନ ପରେ ଜେକେ ବୋଷ ଟ୍ରଫି ଅନ୍ତଃଜୋନ କ୍ରିକେଟ୍ ପ୍ରତିଯୋଗିତା ଜିତି ଏହାକୁ ଅଧିକ ସ୍ମରଣୀୟ କରିଛି। ଲିଗ୍ ଭିତ୍ତିକ ଏହି ପ୍ରତିଯୋଗିତାରେ ଉତ୍ତରାଞ୍ଚଳ ନିଜ ସମସ୍ତ ୩ ମ୍ୟାଚ୍ ଜିତି ଅପରାଜିତ ରହି ଶୀର୍ଷରେ ଅଭିଯାନ ଶେଷ କରିଥିଲା। ଦୁଇଟି ବିଜୟ ସହ ପଶ୍ଚିମାଞ୍ଚଳ ଉପବିଜେତା ହୋଇଥିଲା। ସେହିଭଳି ଏସି ବାଲି ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ମୁମ୍ବାଇ କ୍ରୀଡ଼ା ସାମ୍ବାଦିକ ସଂଘକୁ ହ୍ୟାଟ୍ରିକ୍ ସଫଳତା ମିଳିଛି। ଅମୋଲ କାରାହଦକର, ଅଶ୍ୱିନ ଫେରୋଙ୍କ ମୁମ୍ବାଇ ଦଳ ଦଳଗତ ଓ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅମୋଲ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବି ଜିତିଥିଲେ। ବାସ୍କେଟ୍‌ବଲ୍ ଥ୍ରୋ ଓ ଫୁଟ୍ ସାଲ୍ ଫ୍ରି କିକ୍‌ରେ ମଧ୍ୟ ମୁମ୍ବାଇ ଦଳ ବିଜେତା ହୋଇ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରତି ସଂଧ୍ୟାରେ ଅନୁଷ୍ଠିତ କ୍ରୀଡ଼ା ସମାରୋହରେ 'ଦିଲ୍ଲୀ ରକ୍ସ' ଉନ୍ମୋଚିତ ହୋଇ ପାରମ୍ପରିକ ଧାରାକୁ ଜାରି ରଖିଥିଲା।

ସବୁଠାରୁ ବଡ଼ କଥା ହେଲା ସୋମବାରର ଉଦ୍‌ଯାପନୀ ଉତ୍ସବରେ ଡିଡିସିଏ ସଭାପତି ରୋହନ ଜେଟଲୀ ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଅବସରରେ ବିଶ୍ୱକପ୍ ବିଜୟିନୀ ମହିଳା କ୍ରିକେଟର ପ୍ରତୀକା ରାୱଲଙ୍କୁ ମଧ୍ୟ ୫୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ସମ୍ମାନିତ କରିଥିଲା ଡିଡିସିଏ। ଏସ୍‌ଜେଏଫ୍‌ଆଇକୁ ପୁନଃ ଜୀବନ ପ୍ରଦାନ କରିଥିବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସହ ଦୀପ୍ତି ରଂଜନ ସାମଲ, ବିମଳ କୁମାର ରାଉଳ, ତୁଷାର ସେନାପତି ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସନ୍ଦୀପ, ବିମଳ, ତୁଷାର ଜେକେ ବୋଷ ଟ୍ରଫିରେ ପ୍ରଥମ ପଦାର୍ପଣ କରିଥିଲେ।

ମାର୍ଚ୍ଚ ୧୩ ତାରିଖରେ ଉଦ୍‌ଘାଟିତ ଏହି ୪ ଦିନିଆ ଉତ୍ସବର ବିଭିନ୍ନ ଦିବସରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ଼୍‌ସେ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଭାରତୀୟ ଅଲିମ୍ପିକ୍ ସଂଘ ସଭାନେତ୍ରୀ ପିଟି ଉଷା, ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା, ତୀରନ୍ଦାଜ ଜ୍ୟୋତି ସୁରେଖା ଭେନ୍ନମ, ବିଶ୍ୱକପ୍ ପଦକ ବିଜୟିନୀ ସ୍କ୍ୱାସ୍ ଖେଳାଳି ଅନାହତ ସିଂହ, ପଞ୍ଜାବ କିଙ୍ଗ୍ସ ମାଲିକ ନେସ ୱାଡିଆ ପ୍ରମୁଖ ଅତିଥି ଯୋଗ ଦେଇ ଖେଳାଳି, ଖେଳ ପ୍ରଶାସକ, ଖେଳ ସାମ୍ବାଦିକଙ୍କ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଡିଏସ୍‌ଜେଏ ସଭାପତି ଅଭିଷେକ ତ୍ରିପାଠୀ, ସମ୍ପାଦକ ସବୁ ହୁସେନ, ଏସ୍‌ଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ, ସମ୍ପାଦକ ଭି. ରମେଶଙ୍କ ତତ୍ତ୍ୱାବଧାନରେ ଜାତୀୟ ସମ୍ମିଳନୀ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲା।





# ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପୌରାଞ୍ଚଳ ଗୁଡିକ ପାଇଁ ନଗର ଉନ୍ନୟନ ବିଭାଗର ମାର୍ଗଦର୍ଶିକା ଜାରି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅସାଧାରଣ ବର୍ଷା ଏବଂ ଅନିୟମିତ ଜଳବାୟୁ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା ଆରମ୍ଭ କରିଛି। ଏହା ବ୍ୟତୀତ, ବଡ ବଡ କୋଠା ,ପ୍ରଶସ୍ତ ରାସ୍ତା ଏବଂ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତିଭୂମି ଯୋଗୁଁ ସହରାଂଚଳବାସୀ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସ ଓ ପି ଜାରି କରି ଏହାକୁ କଡା କଡ଼ି ପାଳନ କରିବା ଏବଂ ସମସ୍ତ ପୌରାଂଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସହରାଂଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ, ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ ଏବଂ ଏହାର ଯେକୌଣସି ଅଭିଯୋଗର ୨୪ ଘଂଟା ମଧ୍ୟରେ ସମାଧାନ କରାଯିବା ଆବଶ୍ୟକ ବୋଲି ଏଥିରେ କୁହା ଯାଇଛି । ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବା , ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଆବଶ୍ୟକ ସ୍ଥାନରେ ଟ୍ୟାଙ୍କର ନିୟୋଜିତ କରାଯିବା ଉଚିତ। ଆବଶ୍ୟକ ହେଲେ ଅତିରିକ୍ତ ସଂଖ୍ୟକ ଟ୍ୟାଙ୍କର ନିଯୁକ୍ତି ଭିତିରେ ବ୍ୟବସ୍ଥା କରାଯାଇପାରେ। ସମସ୍ତ ନଳକୂପ / ହ୍ୟାଣ୍ଡ ପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ପଡିବ ଏବଂ ଏଗୁଡ଼ିକର ମରାମତି ପାଇଁ ଯନ୍ତ୍ରାଂଶ ପ୍ରସ୍ତୁତ ରଖିବାକୁ ପଡିବ। ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ଉଚିତ ଏବଂ ଜଳ ଅଭାବ ସମ୍ପର୍କରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଦାୟୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି ହୋଇଥିବା ଗ୍ରୀଷ୍ମ ଲହରୀ ସତର୍କତାକୁ ନିୟମିତ ଭାବରେ ଟ୍ରାକ୍ କରାଯିବା ଉଚିତ ଏବଂ ଆବଶ୍ୟକ ହେଲେ, ଏପରି ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ / ରାଜ୍ୟ ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରାଯାଇପାରିବ। ପୌରାଂଚଳ ଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମାଧ୍ୟମରେ ରାସ୍ତା କଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ବଜାର ଇତ୍ୟାଦି ରଣନୈତିକ ସ୍ଥାନରେ ଅଧିକ ଜଳ କିଓସ୍କ – ପାନୀୟ ଜଳ ବିତରଣ କେନ୍ଦ୍ର ଅର୍ଥାତ୍ ପାନୀୟ ଜଳ ବଂଟନ କେନ୍ଦ୍ର ଖୋଲିବା ଆରମ୍ଭ କରିବା ଉଚିତ। ଏପରି ଜଳ କିଓସ୍କରେ ଯୋଗାଇ ଦିଆଯାଇଥିବା ପାଣି ପୋର୍ଟେବଲ୍ ଗୁଣବତାର ହେବା ଉଚିତ ଏବଂ ଲମ୍ବା ହ୍ୟାଣ୍ଡେଲ୍ ଡିସପେନ୍ସର ବ୍ୟବହାର ଏବଂ ପ୍ରତିଦିନ ପାଣି ପରିବର୍ତ୍ତନ ସହିତ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉଚିତ। ମ୍ୟୁନିସିପାଲିଟି କଠିନ ବର୍ଜ୍ୟ, ବଗିଚା/ଗଛର ଅବଶିଷ୍ଟାଂଶ ପୋଡ଼ିବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପରିବାର ସମ୍ମୁଖରେ ଗୋଟିଏ ପାତ୍ର ପାଣି ରଖିବା ପାଇଁ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରାଯାଇପାରେ ଯାହା ଭଲ ପରିଷ୍କାରକତା ପାଇଁ ବିକଳ୍ପ ଦିନରେ ପରିବର୍ତ୍ତନ କରାଯିବା ଉଚିତ।ରାସ୍ତା ପାର୍ଶ୍ୱରୁ ନିୟମ ଅନୁଯାୟୀ ସଫା କରାଯିବା ଆବଶ୍ୟକ। ଉଡୁଥିବା ଧୂଳିକୁ ବନ୍ଦ କରିବା ପାଇଁ, ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ନିର୍ମାଣ ସଂସ୍ଥା ଏବଂ ପରିବାରକୁ କାର୍ଯ୍ୟ କରିବା ସମୟରେ ଢାଙ୍କି କିମ୍ବା ମାଟି/ଧୂଳି ଏଡାଇବା ପାଇଁ ସେମାନଙ୍କର ନିର୍ମାଣ କ୍ଷେତ୍ରକୁ ଘୋଡାଇ ରଖିବାକୁ ସତର୍କ କରାଯିବା ଉଚିତ ଏବଂ ଖୋଲା ଅଂଶରେ ପାଣି ସିଞ୍ଚନ କରିବାକୁ କୁହାଯାଇଛି। ସେମାନେ ତୁରନ୍ତ ଢାଙ୍କି ଏବଂ ଭଙ୍ଗା ସାମଗ୍ରୀର ନିରାପଦ ନିଷ୍କାସନ ନିଶ୍ଚିତ କରିବା ଉଚିତ ନଚେତ୍ ସେମାନଙ୍କୁ ଦଣ୍ଡିତ କରାଯିବା ଉଚିତ। ବାଲି, ଇଟା, ସିମେଣ୍ଟ ଏବଂ ଅଳିଆ ପରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ତାରପୋଲିନ୍ ସିଟ୍ ଦ୍ୱାରା ଆଚ୍ଛାଦିତ କରାଯିବା ଉଚିତ ଏବଂ ସେମାନଙ୍କର ଗତି ସୀମିତ କରାଯିବା ଉଚିତ। ରାସ୍ତା ପାଖରେ ଥିବା ମାଟି ସ୍ତରକୁ ଧାତୁ ସ୍ତର ଅପେକ୍ଷା ନିମ୍ନ ସ୍ତରରେ ରଖାଯିବା ଉଚିତ ଯାହା ଫଳରେ ବର୍ଷା ପାଣି କିମ୍ବା ଯାନବାହାନ ଚଳାଚଳ ଦ୍ୱାରା ତାହା ପୁଣି ରାସ୍ତାରେ ନ ଆସିବ।

ରାସ୍ତାପାର୍ଶ୍ୱ ହୋଟେଲ ଏବଂ ଖାଦ୍ୟ ଦୋକାନଗୁଡ଼ିକ ଦ୍ୱାରା ପୋଡ଼ି ଯାଇଥିବା ଜାଳେଣିରୁ ଉତ୍ପନ୍ନ ହେଉଥିବା ପାଉଁଶ ରାସ୍ତାରେ ଗଦା ହେଉଛି ଯାହା ଧୂଳି ପ୍ରଦୂଷଣ ଏବଂ ତାପମାତ୍ରା ବୃଦ୍ଧି କରୁଛି। ସମସ୍ତ ସହରାଞ୍ଚଳରେ କୋଇଲା କିମ୍ବା କୋଇଲା ବ୍ରିକେଟ ବ୍ୟବହାର ନିଷେଧ କରାଯିବା ଉଚିତ। ସହରାଞ୍ଚଳ ଏବଂ ଏହାର ଆଖପାଖରେ ଥିବା ସମସ୍ତ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର, ପୁନରୁଦ୍ଧାର ଏବଂ ମରାମତି କରାଯିବା ଉଚିତ ଏବଂ ଏହାକୁ ବ୍ୟବହାରଯୋଗ୍ୟ କରିବା ଏବଂ ଜନସାଧାରଣଙ୍କ ପାଇଁ ପ୍ରବେଶ ବୃଦ୍ଧି କରିବା ପାଇଁ ପ୍ରଦୂଷଣ ମୁକ୍ତ କରାଯିବା ଉଚିତ। ସହରାଂଚଳ ପରିବେଶର ଉନ୍ନତି ସମ୍ବନ୍ଧୀୟ ସମସ୍ତ ପରିବେଶଗତ ଆଇନ/ ନିୟମ, ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବା ଉଚିତ ଏବଂ ପୋଲିସ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ସେମାନଙ୍କ ନିଜ ନିଜ କାମ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି ।

# ଏକାଧିକ ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ଏକ୍ସପ୍ରେସରେ ପରିଣତ କଲା ଭାରତୀୟ ରେଳବାଇ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ନିରନ୍ତର ଓ ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ, ଭାରତୀୟ ରେଳବାଇ ପୂର୍ବରୁ ସ୍ୱତନ୍ତ୍ର (ସ୍ପେଶାଲ୍) ଟ୍ରେନ୍ ଭାବରେ ଚାଲୁଥିବା କିଛି ଟ୍ରେନକୁ ନିୟମିତ କରିବା ପାଇଁ ଅନୁମୋଦନ କରିଛି। ଏହା ଦ୍ୱାରା ଯାତ୍ରୀମାନେ ଅଧିକ ସୁବିଧା, ସ୍ଥିରତା ଓ ନିର୍ଭରଯୋଗ୍ୟ ରେଳ ସେବାର ଲାଭ ଉଠାଇପାରିବେ।



ସେହି ଟ୍ରେନ ଗୁଡିକ ହେଲା :- ୧. ଟ୍ରେନ ନମ୍ବର ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୨. ସେହିପରି, ଟ୍ରେନ ନମ୍ବର ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୩. ଟ୍ରେନ୍ ନମ୍ବର ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୭/୧୮୫୦୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୪. ଟ୍ରେନ୍ ନମ୍ବର ୦୮୫୮୧/୦୮୫୮୨ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୯/୧୮୫୧୦ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୫. ଟ୍ରେନ୍ ନମ୍ବର ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୫/୧୮୫୦୬ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ। ୬. ଟ୍ରେନ୍ ନମ୍ବର ୦୮୫୭୯/୦୮୫୮୦ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୨୭/୧୮୫୨୮ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚାଲିବ। ଏହି ଟ୍ରେନଗୁଡ଼ିକ ସ୍ୱତନ୍ତ୍ର ଟ୍ରେନ ଭାବରେ ଚଳାଚଳ କରିବା ଦିନଠାରୁ ଯାତ୍ରୀ ମାନଙ୍କର ଉତ୍ସାହଜନକ ସମର୍ଥନ ପାଇଆସୁଛି। ନିରନ୍ତର ଚାହିଦା ଏବଂ ଉନ୍ନତ ରେଳ ସଂଯୋଗୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏହି ଟ୍ରେନଗୁଡ଼ିକର ନିୟମିତ ସେବାରେ ପରିଣତ କରାଯିବା ଦ୍ୱାରା ଯାତ୍ରୀମାନେ ବହୁତ ଉପକୃତ ହେବେ। ନିୟମିତ ଟ୍ରେନ୍ ସେବା ଭୁବନେଶ୍ୱର, ପୁରୀ, ପାଟନା, ଧନବାଦ, ବିଶାଖାପାଟଣା, ତିରୁପତି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ସହର ଭଳି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବା ସହ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଝାଡ଼ଖଣ୍ଡ ଏବଂ କର୍ଣ୍ଣାଟକ ରାଜ୍ୟମାନଙ୍କ ମଧ୍ୟରେ ଯାତ୍ରାକୁ ଅଧିକ ସୁବିଧାଜନକ ଓ ସୁଗମ କରିଥାଏ। ଏହି ଟ୍ରେନ୍ ଗୁଡ଼ିକର ରହଣି, ସମୟସୂଚୀ ଏବଂ ସରଞ୍ଜନା ପୂର୍ବରୁ ସ୍ୱତନ୍ତ୍ର ସେବା ଭାବେ ଚାଲୁଥିବାବେଳେ ଯେପରି ଥିଲା ସେହିପରି ଅପରିବର୍ତ୍ତିତ ରହିବ। ନିୟମିତ ହେବାକୁ ଥିବା ଏହି ଟ୍ରେନ ଗୁଡିକର ସେବା ଆରମ୍ଭ ତାରିଖକୁ ଅଲଗା ଭାବେ ସୂଚିତ କରାଯିବ। ଏହି ପଦକ୍ଷେପ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ନିରାପଦ, ଆରାମଦାୟକ ଏବଂ ବିଶ୍ୱସନୀୟ ଯାତ୍ରା ସୁନିଶ୍ଚିତ କରିବା ସହିତ ଯାତ୍ରୀଙ୍କ ଆବଶ୍ୟକତାକୁ ସକ୍ରିୟ ଭାବରେ ପୂରଣ କରିବା ପାଇଁ ଭାରତୀୟ ରେଳବାଇର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟ୍ଟଗୋଳ ଲାଗି ...

ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ। ତଦନୁସାରେ ଶ୍ରୀ ପଟ୍ଟନାୟକ କହିଥିଲେ, କଟକ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ବହୁ ରୋଗୀଙ୍କ ମୃତ୍ୟୁ ଘଟିଥିବାର ଦୁଃଖଦ ଘଟଣା ଖବର ପାଇ ସେ ଦୁର୍ଘଟଣାସ୍ଥଳ ଯାଇଥିଲେ ଏବଂ ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ମଧ୍ୟ ଭେଟିଥିଲେ। ଏହି ଦୁଃଖଦ ଘଟଣାରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ପାଇଁ ଶ୍ରୀ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ପ୍ରଶାସନିକ ବିଫଳତା କାରଣରୁ ଏହି ଦୁଃଖଦ ଅଗ୍ନିକାଣ୍ଡ ଘଟଣା ଘଟିଥିବାରୁ ପ୍ରଥମେ ସେଥିପାଇଁ ନୈତିକତା ଦୃଷ୍ଟିରୁ ତୁରନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଥିଲେ।

ସେ କହିଥିଲେ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲ ରାଜ୍ୟର ପ୍ରମୁଖ ତଥା ଅଗ୍ରଣୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ହୋଇଥିଲେ ମଧ୍ୟ ଏଠାରେ ପ୍ରଥମଥର ପାଇଁ ଏଭଳି ଦୁଃଖଦ ଦୁର୍ଘଟଣା ଘଟିଛି। ଯେଉଁଥିରେ ଅଗ୍ନି ନିର୍ବିପାକ ବ୍ୟବସ୍ଥା ବିଶେଷକରି ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ସରକାର ଠିକ ଭାବେ ପାଳନ କରିନାହାଁନ୍ତି ବୋଲି ସୂଚାଉଛି। ତେବେ ସରକାର ଏହି ଘଟଣାର ତଦନ୍ତ ପାଇଁ ଦେଇଥିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ ମଧ୍ୟ ଶ୍ରୀ ପଟ୍ଟନାୟକ ଏହାର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଥିଲେ। ଯେହେତୁ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏହି ହସ୍ପିଟାଲ ରହୁଛି ସେଥିପାଇଁ ବିଭାଗୀୟ ମନ୍ତ୍ରୀ ପ୍ରଥମେ ତାଙ୍କ ପଦରୁ ଇସ୍ତଫା ଦେବା ଦରକାର ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ମ ମଧ୍ୟ ଏହି ଦାବିକୁ ସମର୍ଥନ ଜଣାଇଥିଲେ। ବିରୋଧୀ ଦଳ ନେତାଙ୍କ ବକ୍ତବ୍ୟ ଶେଷ ହେଉଣୁ ଉଭୟ ବିଜେଡ଼ି ଏବଂ କଂଗ୍ରେସ ଦଳର ବିଧାୟକମାନେ ଗୃହ ମଝିରେ ଏକାଠି ହୋଇ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଲେଖାଥିବା ପ୍ଲାକାର୍ଡ଼, ପୋଷ୍ଟର, ବ୍ୟାନର ହାତରେ ପ୍ରଦର୍ଶନ କରି ଉଚ୍ଚସ୍ୱରରେ ସ୍ଲୋଗାନ ଦେବାରୁ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାରି ଭିତରେ ବାଚସ୍ପତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୃହରେ ବିବୃତ୍ତି ରଖିବାକୁ ସୁଯୋଗ ଦେଇଥିଲେ। ମନ୍ତ୍ରୀ ଡା. ମହାଲିଙ୍ଗ ହଟ୍ଟଗୋଳ ମଧ୍ୟରେ ତାଙ୍କ ବିବୃତ୍ତି ପଢ଼ିଥିଲେ। ସେ କହିଥିଲେ କଟକ ଏସ୍‌ସିବିରେ ଘଟିଥିବା ଆକସ୍ମିକ ଅଗ୍ନିକାଣ୍ଡ ଦୁର୍ଘଟଣାରେ ମୃତାହତଙ୍କ ଆତ୍ମାର ସଦଗତି କାମନା କରୁଛି ଏବଂ ଆହତଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରୁଛି। ଏହି ଦୁର୍ଘଟଣା ଅତି ଦୁଃଖଦାୟକ। ଦୁର୍ଘଟଣା ଘଟିବା ମାତ୍ରେ ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇସିୟୁ ଏବଂ ପାଖାପାଖି ୱାର୍ଡ଼ରେ ଥିବା ୨୩ଜଣ ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଛି। କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଏହା କରିଛନ୍ତି। ଟ୍ରମା କେୟାର ସେଣ୍ଟରରେ ଥିବା ୭ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୫ ଜଣ ଗୁରୁତର ରୋଗୀଙ୍କର ସ୍ଥାନାନ୍ତର ଓ ଅନ୍ୟତ୍ର ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାର ଶିକାର ହୋଇଥିବା ରୋଗୀଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମଧ୍ୟରୁ ୧୧ ଜଣ ନିଆଁର ପ୍ରଭାବରେ ଆହତ ହୋଇଥିଲେ। ସେମାନଙ୍କର ଚିକିତ୍ସା ଚାଲିଛି। ଅଗ୍ନିକାଣ୍ଡ ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଏସ୍‌ସିବି ଆଇସିୟୁ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତି ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଅନ୍ୟ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ନେଇ ପ୍ରଧାନମନ୍ତ୍ରୀ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରପତି ମଧ୍ୟ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ମନ୍ତ୍ରୀ କହିଥିଲେ କଟକ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ଏହାର ନ୍ୟାୟିକ ତଦନ୍ତ କରିବେ। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଏସସିବିର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତରୁ କାହାର ଅବହେଳା ଜଣାପଡ଼ିଲେ ବା କେହି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ଏହି ଦୁର୍ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଏକ ଅନ୍ତଃବିଭାଗୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିଶନଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ତଦନ୍ତ ରିପୋର୍ଟ ଆସିଲା ପରେ ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡ଼ା ଏସ୍‌ସିବି ମେଡ଼ିକାଲ ଅଗ୍ନି ନିର୍ବିପାକ ବ୍ୟବସ୍ଥାକୁ ନରୀକ୍ଷଣ କରି ଫାୟାର କମ୍ପ୍ଲାଏଣ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନଘଟେ, ସେଥିପାଇଁ ପ୍ରତ୍ୟେକ ହସ୍ପିଟାଲ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ବେଳେ ବିରୋଧୀଙ୍କ ହଟ୍ଟଗୋଳ ଓ ନାରାବାଜି ଜାରି ରହିଥିଲା। ବାଚସ୍ପତି ଏ ସଂକ୍ରାନ୍ତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେବା ପାଇଁ ପ୍ରଥମେ ବିରୋଧୀ ଦଳର ବିଧାୟକମାନଙ୍କୁ ଡାକିଥିଲେ ମଧ୍ୟ ସେମାନେ ଏଥିରେ ଭାଗ ନେଇନଥିଲେ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

### ଲୋକସଭାରେ ୮...

ତାଙ୍କର ପ୍ରତିବଦ୍ଧତା ପ୍ରକାଶ କରେ, ତେବେ ଆମେ ମଧ୍ୟ ତାହା ପାଳନ କରିପାରିବୁ।’ ଏହି ବିବୃତି ପରେ, ରିଜିଜୁ ଆଠ ଜଣ ନିଲମ୍ବିତ ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ।

### ପାକିସ୍ତାନ-ଆଫଗାନିସ୍ତାନ...

କରିଥିଲେ ସୁଦ୍ଧା ଏହାକୁ ସ୍ୱୀକାର କରିନାହିଁ ।

ଆଫଗାନିସ୍ତାନ ସରକାରଙ୍କ ଏ ଅଭିଯୋଗ ଭିତ୍ତିହୀନ ବୋଲି କହିଛି ପାକିସ୍ତାନ। ତା’ ଛଡ଼ା ପାକିସ୍ତାନ କୌଣସି ହସ୍ପିଟାଲ ଉପରେ ଆକ୍ରମଣ କରିନାହିଁ ବୋଲି ସ୍ପଷ୍ଟ କରିଛି । କାବୁଲ ଉପରେ ହୋଇଥିବା ଏୟାରଷ୍ଟ୍ରାଇକୁ ନେଇ ତାଲିବାନ ସରକାର ପାକିସ୍ତାନ ଉପରେ ଦୋଷ ଲଦିଛନ୍ତି । ତାଲିବାନ ସରକାର କହିଛନ୍ତି, ଗତକାଲି ରାତିରେ ହୋଇଥିବା ଏୟାରଷ୍ଟ୍ରାଇକରେ ହସ୍ପିଟାଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଛି ଏବଂ ଏଥିରେ ଆହୁରି ମୃତାହତଙ୍କ ସଂଖ୍ୟା ବଢିପାରେ ।

### ନିରସ୍ତ୍ର ଆଫଗାନ...

ସରକାର ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ସିଧାସଳଖ ଆକ୍ରମଣ ଏବଂ ଆଞ୍ଚଳିକ ଶାନ୍ତି ପାଇଁ ବିପଦ ବୋଲି କହିଛନ୍ତି । ପାକିସ୍ତାନ ନିଜର ଆଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ସୀମାପାର ହିଂସାର ଆଶ୍ରୟ ନେଇଥିବା ଭାରତ କହିଛି ।

### ଗୁଜୁରାଟରେ ପହଞ୍ଚିଲା ...

କ୍ୟାପଟେନ୍ ଧୀରଜ ଅଗ୍ରୱାଲ। ନିକଟରେ ଇରାନ-ଆମେରିକା ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ନିଜର ଅଦମ୍ୟ ସାହସିକତା ପ୍ରଦର୍ଶନ କରି ସେ ସାରା ଦେଶ ପାଇଁ ଗର୍ବ ଆଣିଦେଇଛନ୍ତି। ଧୀରଜ ହେଉଛନ୍ତି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳର ବାସିନ୍ଦା। ତାଙ୍କ ପିତାଙ୍କ ନାମ ସ୍ୱର୍ଗତ ରମେଶ ଅଗ୍ରୱାଲ ଏବଂ ମାତାଙ୍କ ନାମ ସନ୍ତୋଷ ଅଗ୍ରୱାଲ।

### କଂଗ୍ରେସରୁ ୩ ...

ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଖାଲି ସେତିକି ନୁହେଁ, ଉପରୋକ୍ତ ୩ ବିଧାୟକଙ୍କୁ ଦଳରୁ ବହିଷ୍କାର ଲାଗି ବି ଏଆଇସିସିକୁ ଅନୁରୋଧ କରାଯିବ।

### ତିନି ମାସରୁ ...

ଚିହ୍ନିପାରୁଛୁ, କିନ୍ତୁ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସମୟରେ ଆମକୁ ଆଇନର ଉଦ୍ଦେଶ୍ୟ ମଧ୍ୟ ଦେଖିବାକୁ ପଡିବ। ସୁପ୍ରିମକୋର୍ଟ ସାମାଜିକ ସୁରକ୍ଷା ସଂହିତା, ୨୦୨୦ର ଧାରା ୬୦(୪)କୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି, ଏହାକୁ ଧାରା ୧୪ ଅର୍ଥାତ୍ ସମାନତା ଏବଂ ୨୧ ଅର୍ଥାତ୍ ଜୀବନର ଅଧିକାରର ଉଲ୍ଲଙ୍ଘନକାରୀ ବୋଲି ଦର୍ଶାଇଛନ୍ତି।ଏହି ଆଇନ ଅନୁଯାୟୀ, ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମା କେବଳ ୩ ମାସରୁ କମ୍ ବୟସର ପିଲାମାନଙ୍କୁ ଯଦି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିଲେ, ତେବେ ତାଙ୍କୁ ମାତୃତ୍ୱ ଲାଭ ପ୍ରଦାନ କରାଯିବ।

ମହିଳାଙ୍କ ପ୍ରତି ଭେଦଭାବ କ’ଣ ଧାରା ୧୪ର ଉଲ୍ଲଂଘନ ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

ସୁପ୍ରିମକୋର୍ଟ ତାଙ୍କ ଆଦେଶ ପ୍ରଦାନ କରିବା ସମୟରେ କହିଛନ୍ତି, ମାତୃତ୍ୱ ଛୁଟି ମାନବାଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମେ ଏହି ଦୃଷ୍ଟିକୋଣ ସହିତ ସହମତ ଯେ ଜୈବିକ ମା’ଏବଂ ପାଳିତ ମା’ମାନେ ସମାନ ସ୍ତରରେ ନାହାନ୍ତି। ନ୍ୟାୟମୂର୍ତ୍ତି ଜେ.ବି. ପାରଦିୱାଲା ରାୟ ପ୍ରଦାନ କରିବା ସମୟରେ କହିଛନ୍ତି, ଆମେ ବିଚାର କରିଛୁ ୩ ମାସର ନିର୍ଦ୍ଧାରିତ ବୟସ ସୀମା ଧାରା ୧୪ ର ଉଲ୍ଲଙ୍ଘନ ଭାବରେ ବିବେଚିତ ହେବ କି, ଯାହା ମହିଳାଙ୍କ ପ୍ରତି ପକ୍ଷପାତିତା ସୃଷ୍ଟି କରିବ। ୩ ମାସର ବୟସ ସୀମାକୁ ପାଳିତ ମା’ଙ୍କ ପ୍ରଜନନ ସ୍ୱାୟତ୍ତତା ଅଧିକାର ଏବଂ ଶିଶୁର ଆତ୍ମନିର୍ଣ୍ଣୟର ଅଧିକାରକୁ ଉଲ୍ଲଙ୍ଘନ ବୋଲି କୁହାଯାଇପାରିବ କି।

### ଇସ୍ପାତ ଓ ଖଣି ...

ଓଡ଼ିଶା ଖଣିଜ ସମ୍ପଦର କ୍ୟାପିଟାଲ ଭାବେ ଏବଂ ବିଶ୍ୱସ୍ତରୀୟ ମୂଲ୍ୟଯୁକ୍ତ ଖଣି ଶିଳ୍ପର ହବ୍ ଭାବେ ଉଭା ହେବାକୁ ଯାଉଛି ଏବଂ ଏ ଦିଗରେ ସରକାରଙ୍କ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏମ୍‌ଏମ୍‌ଡିଆର ଆକ୍ଟର ସଂଶୋଧନ କରିବା ପରେ ଖଣି ଲିଜ୍ କାରବାର ଏବଂ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହୋଇଛି। ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ସେହିପରି ଉତ୍ପାଦନ ମଧ୍ୟ ୪୨୮.୬୪ ନିୟୁତ ଟନ ହେବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ୩୮୬ ଖଣି ଉତ୍ସ ରହିଥିବା ବେଳେ ସେଥିମଧ୍ୟରୁ ୨୧୨ କାର୍ଯ୍ୟକ୍ଷମ ରହିଛି। ସେହିପରି ୩୯୦୦ରୁ ଉର୍ଦ୍ଧ୍ୱ ଲଘୁ ଖଣିଜ ଉତ୍ସ ରହିଥିବା ବେଳେ ୧୮୦୭ ଉତ୍ସ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶା ଖଣି ନିଗମ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସହାୟକ ହୋଇଆସିଛି। ନିଗମ ଚଳିତବର୍ଷ ୫୦ ଲକ୍ଷ ନିୟୁତ ଟନ ଉତ୍ପାଦନ ଲକ୍ଷ୍ୟ ରଖିଛି। ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ସହିତ ୫ଟି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସହିତ ଉନ୍ନତ ସ୍ୱାସ୍ଥ୍ୟସେବା ବିଭିନ୍ନ ଖଣି ଅଞ୍ଚଳର ହସ୍ପିଟାଲରେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସେହିପରି ପରିବହନ ବିଭାଗ ରାଜ୍ୟବାସୀଙ୍କ ସେବାରେ ସମର୍ପିତ ହୋଇଥିବା ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ବିଦ୍ୟୁତ୍ ଚାଳିତ ଯାନ ବା ଇଭି ଭେଇକିଲ୍‌ର ପ୍ରସାର ଦିଗରେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସବ୍‌ସିଡ୍ ଦିଆଯାଉଛି। ଗ୍ରୀନ୍ ଓଡ଼ିଶା ଯୋଜନାରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣା ହ୍ରାସ ପାଇଁ ବ୍ୟାପକ ସଚେତନତା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ୧୦୮୫ କୋଟି ଟଙ୍କା ବ୍ୟୟରେ ୧୪୨୨ ବସ୍ ଚଳାଚଳ ବ୍ୟବସ୍ଥା କରିବାକୁ ଏବଂ ଗ୍ରାମ ପଞ୍ଚାୟତରୁ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ବସ୍ ସେବାର ଆରମ୍ଭ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ସୁବାହକ ଯୋଜନାରେ ମହିଳାଙ୍କୁ ଗାଡ଼ି ଚାଳନାର ପ୍ରଶିକ୍ଷଣ ଦେବା ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟରେ ଗୃହର ଅନୁମୋଦନ ଲାଭ କରିଥିଲା। ଏହାପରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହକୁ ବୁଧବାର ପୂର୍ବାହ୍ନ ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଓଡ଼ିଶା ଦିବସ ୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ, ଚେନ୍ନାଇ, ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡସ୍ତରରେ ଓଡ଼ିଶା ଦିବସକୁ ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବୈଠକରେ ରାଜ୍ୟ ଗୃହ, ଶିକ୍ଷା, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗ ଦେଇ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ । ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସଂଧ୍ୟାରେ ରାଜ୍ୟସ୍ତରୀୟ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ । ଜୟଦେବ ଭବନଠାରେ ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ଉତ୍ସବରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯିବ । ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ଏବଂ ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପ୍ରକାଶ ପାଉଥିବା ପତ୍ରିକା ‘ପ୍ରଗତି ପ୍ରବାହ’ ର ୩ୟ ସଂସ୍କରଣ ଉନ୍ମୋଚନ ହେବ । ଜୟଦେବ ଭବନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦେଶାତ୍ମବୋଧକ ସଂଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗ ସୌଧଗୁଡ଼ିକର ଆଲୋକୀକରଣ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସଫେଇ ଓ ମାଲ୍ୟାର୍ପଣ ନେଇ ଆଲୋଚନା କରାଯାଇଥିଲା। ଦେଶର ପ୍ରମୁଖ ସ୍ଥାନ ନୂଆଦିଲ୍ଲୀ ଠାରେ ପ୍ରମୁଖ ଆବାସିକ ଆୟୁକ୍ତ ଏବଂ କୋଲକାତା, ମୁମ୍ବାଇ, ଚେନ୍ନାଇ ଆଦିଠାରେ ସ୍ଥାନୀୟ ଓଡ଼ିଆ ସମାଜ ସହଯୋଗରେ ଓଡ଼ିଶା ଦିବସ ପାଳନ ହେବ । ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅଳିବାକୁ ଆଧାର କରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂପୃକ୍ତ ବିଭାଗମାନଙ୍କ ସହଯୋଗରେ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍.ତିରୁମାଳା ନାଏକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଚଇନ୍ତ ସିଂ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ, ବୈଷୟିକ ଶ୍ରୀ ଗୁରବୀର ସିଂଙ୍କ ସମେତ ସଂପୃକ୍ତ ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦଶାଶ୍ୱମେଧ ଘାଟରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ବାରୁଣୀ ବୁଡ଼ ଓ ପିଣ୍ଡ ଦାନ





**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଦଶାଶ୍ୱମେଧ ଘାଟରେ ୫୦ ହଜାର ରୁ ଉର୍ଦ୍ଧ ଭକ୍ତ ଶ୍ରଦ୍ଧାଳୁ ପୁଣ୍ୟତୋୟା ବୈତରଣୀ ନଦୀରେ ବାରୁଣୀ ବୁଡ଼ ପକାଇବା ସହ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ କରିବା ପରେ ବୈତରଣୀ ନଦୀ ତଟସ୍ଥ ଯଜ୍ଞ ବରାହ, ନବଗ୍ରହ, ସପ୍ତମାତୃକାଙ୍କୁ ଦର୍ଶନ କରିବା ପରେ ଖେତ୍ରେଶ୍ୱରୀ ମା’ ବିରଜା ଙ୍କୁ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ଯାଜପୁର ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଯାଜପୁର ପୌରପାଳିକା ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ବୈତରଣୀ ପବିତ୍ର ବୁଡ଼ ପାଇଁ ସୁବ୍ୟବସ୍ଥା କରାଯାଇଥିଲା। ଏହି ସୂଚନା କେନ୍ଦ୍ରରେ ଯାଜପୁର ପୌର ଅଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ତହସିଲଦାର ରବୀନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ବାରୁଣୀ ମେଳାର ସୁପରିଚାଳନା କରିଥିଲେ। ଏହି ମେଳାରେ ଯାଜପୁର ସତ୍ୟସାଇ ସେବା ସମିତି ପକ୍ଷରୁ ବହୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ନଦୀର ଦୁଇ ପାଖରେ ସୂଚନା ଲୋକ ସମ୍ପର୍କ ବିଭାଗ ଓ ପୌରପାଳିକା ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁବିଧା ପାଇଁ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ନଦୀ ନିକଟରେ ଯାଜପୁର ଥାନା ଅଧିକାରୀଙ୍କ ନେତୃତ୍ୱ ରେ ବ୍ୟାପକ ପୋଲିସ ବନ୍ଦୋବସ୍ତ ସହ ଅଗ୍ନିଶମ ବାହିନୀ ନଦୀ ନିକଟରେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CCTV-GSD-MCS-548, ତା.10.03.2026ରିଖ

**କାର୍ଯ୍ୟର ନାମ :** କେନ୍ଦ୍ରୀୟ ଚିକିତ୍ସାଳୟର ସମ୍ପ୍ରସାରଣ ନିମନ୍ତେ CCTV, LAN, ଟେଲିଫୋନ୍, LED TV ଓ WiFiର ବ୍ୟବସ୍ଥା, ଜେନେରାଲ ଷ୍ଟୋର୍ସ ଡିପୋ, ମଞ୍ଚେଶ୍ୱର ଠାରେ ASRSର ସଂସ୍ଥାପନ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଦୂରସଂଚାର ପୃଷ୍ଠଭୂମି (Backbone)ର ସୁଦୃଢ଼ୀକରଣ ।

**ଟେଣ୍ଡର ମୂଲ୍ୟ :** ₹ 1,19,70,775.13, **EMD :** ₹ 2,09,900/-

ବିଡ୍ ଆରମ୍ଭ ହେବା ତାରିଖ : ତା.18.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.04.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-1230/Q/25-26



ଭୁବନେଶ୍ୱର : ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ ଅତିଥି ଭବନରେ ରକ୍ଷାମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ କରୁଛନ୍ତି ଆଲୋଚନା। (ଫଟୋ : ସମ୍ବାଦ କଳିକା)

